ଗୋପ ଦାସ କୃତ

# ଗୋ-ମାହାତ୍ମ୍ୟ

odia.org

ମୂଲ୍ୟ ୫ ୦ ୳ ଆଠ ଅଣା ମାତ୍ର

*All rights reserved.*

# ପ୍ରକାଶକର ବକ୍ତବ୍ୟ

ଗୋ-ମାହାତ୍ମ୍ୟ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦ୍ୱାରା ରଚିତ । ସନ ୧୯୨୨ ସାଲ ଜୁନମାସରେ ସେ ସରକାରର ବନ୍ଦୀଶାଳରେ ଦୁଇ ବର୍ଷ ପାଇଁ ଆବଦ୍ଧ ହୋଇଥିଲେ । ସେ ସମୟରେ ଅନ୍ୟାନ୍ୟ ଗ୍ରନ୍ଥ ମଧ୍ୟରେ ମୂଳ ସଂସ୍କୃତ ମହାଭାରତ ଓ ଶ୍ରୀମଦ୍ଭାଗବତ ନିୟମିତ ପାଠକରିବା ତାଙ୍କର ଅଭ୍ୟାସ ଥିଲା । ଗୋ-ମାହାତ୍ମ୍ୟ ଏହି ଉଭୟ ଧର୍ମଗ୍ରନ୍ଥରୁ ସଙ୍କଳିତ । ଦେଶରେ ଗୋ-ଜାତିର କି ଶୋଚନୀୟ ଅବସ୍ଥା, ତାହା ତ ସମସ୍ତେ ଦେଖୁଥାଇଁ ; ଗ୍ରାମଲୋକଙ୍କର ଗୋ-ଜାତି ପ୍ରତି ସେ ଭକ୍ତି ଓ ମମତା ଆଉ ନାହିଁ । ଦେଶରୁ ଗୋଚର କ୍ରମେ ଶୂନ୍ୟ ହେଉଛି; ଦୁଧ, ଘିଅ କ୍ରମେ ସ୍ୱପ୍ନ ହେଲଣି । ଗୋ-ଜାତି ପ୍ରତି ଲୋକଙ୍କର ଭକ୍ତି ତୁଟିଯିବାରୁ ଅନେକେ ହୃଷ୍ଟପୁଷ୍ଟ ସବଳ ଗୋରୁଙ୍କୁ ସୁଦ୍ଧା ଧନଲୋଭରେ କଂସାଇମାନଙ୍କୁ ବିକି ଦେଉଛନ୍ତି । ଗୋ-ସେବା ଯେ ପରମ ଧର୍ମ, ଏହା ହିନ୍ଦୁ କ୍ରମେ ଭୁଲିଯାଉଛି । ଗୋ-ଜାତିର ଦୁର୍ଗତିରେ ଦେଶର ଦୁର୍ଗତି । ଦେଶର ଉନ୍ନତି କାମନା କଲେ ଗୋ-ଜାତି ପାଇଁ ଯଥାର୍ଥ ଭକ୍ତି ଓ ମମତା ପୁଣି ଜନ୍ମାଇବାକୁ ହେବ । ଏଥିପାଇଁ ଦୁଇଟି ପନ୍ଥା ପ୍ରଶସ୍ତ— ପ୍ରାଣରେ ଗୋ-ଜାତି ପ୍ରତି ନିର୍ମଳ ଧର୍ମଭାବ ଓ ମନରେ ସେମାନଙ୍କ ଉପକାରିତା ବିଷୟରେ ଯୁକ୍ତିସଙ୍ଗତ ଅଟଳ ବିଶ୍ୱାସ । ଏ ଗୋ-ମାହାତ୍ମ୍ୟରେ ଉଭୟ ପନ୍ଥାର ଆଶ୍ରୟ ନିଆଯାଇଛି । ସରଳ ସୁଲଳିତ ଓଡ଼ିଆ ନବାକ୍ଷରୀ ଛନ୍ଦରେ ଗୋ-ଜାତିର ପୌରାଣିକ ମାହାତ୍ମ୍ୟ ଓ ସେମାନଙ୍କର ଦୁର୍ଦ୍ଦଶାରେ ଦେଶ ଓ ମାନବସମାଜର ଦୁର୍ଦ୍ଦଶା କଥା ସାଧାରଣ ବୁଝିବା ଭଳି ଭାଷାରେ ବର୍ଣ୍ଣନା କରାଯାଇଛି । ଏ ପୁସ୍ତକପ୍ରଚାର ଦ୍ୱାରା ଦେଶବାସୀଙ୍କ ହୃଦୟରେ ଗୋ-ଜାତି ପ୍ରତି ଅଟଳ ଭକ୍ତି ଓ ମମତା ଜନ୍ମିଲେ ପୁସ୍ତକ ପ୍ରକାଶର ଉଦ୍ଦେଶ୍ୟ ସଫଳ ହେବ ଓ ଦେଶର ପରମ କଲ୍ୟାଣ ହେବ ।

ସନ ୧୩୩୩ ସାଲ ଜ୍ୟେଷ୍ଠ ୨୦ ଦିନ } ପ୍ରକା[illegible]

# ଗୋ-ମାହାତ୍ମ୍ୟ

ନାରାୟଣଂ ନମସ୍କୃତ୍ୟ ନରଂ ଚୈବ ନରୋତ୍ତମଂ
ଦେବୀଂ ସରସ୍ୱତୀଂ ବ୍ୟାସଂ ତତୋ ଜୟ ମୁଦୀରୟେତ୍ ।
ମୂକଂ କରୋତି ବାଚାଳଂ ପଙ୍ଗୁଂ ଲଙ୍ଘୟତେ ଗିରିଂ
ଯତ୍ କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ ॥
ଓଁ ନମୋଃ ବ୍ରହ୍ମଣେ ଦେବାୟ ଗୋବ୍ରାହ୍ମଣ ହିତାୟଚ
ଜଗଦ୍ଧିତାୟ କୃଷ୍ଣାୟ ଗୋବିନ୍ଦାୟ ନମୋନମଃ ।

ଗୋମତୀ-ତୀରେ ପୁଣ୍ୟବନ । ଶୀତଳ ବହଇ ପବନ ॥
ବିରାଜେ ନାନାଜାତି ଦ୍ରୁମ । ଫୁଟଇ ବିବିଧ କୁସୁମ ॥
ମୃଗ ବରାହ କୃଷ୍ଣସାର । କରନ୍ତି ସ୍ୱଚ୍ଛନ୍ଦେ ବିହାର ॥
ମୟୂର ହଂସ ଶୁକ ସାରି । କୋକିଳ ବସନ୍ତ-ବିହାରୀ ॥
ଅନେକ ଜାତି ବିହଙ୍ଗମ । କରନ୍ତି ସ୍ୱନ ମନୋରମ ॥
ନିର୍ମଳ ବହେ ନଦୀଜଳ । ବିକଶେ ଶ୍ୱେତ ଶତଦଳ ॥
ନାହିଁ ଜନତା କୋଳାହଳ । ପବିତ୍ର ଶାନ୍ତ ସୁନିର୍ମଳ ॥
ଦେଖିଣ ସେହି ବନଭୂମି । ଆଶ୍ରମ ବିରଚିଲେ ମୁନି ॥
ବେଦ ପୁରାଣେ ବିଶାରଦ । ସର୍ବଦା ଭକ୍ତି ଗଦଗଦ ॥
କରନ୍ତି ନାନା ହୋମବ୍ରତ । ଯୋଗ ଅଭ୍ୟାସେ ନିତି ରତ ॥
ଗୋମତୀ-ତୀରେ ପୁଣ୍ୟ ବନେ । ରହିଲେ ହରଷିତ ମନେ ॥
ମୁନିଙ୍କ ଶିଷ୍ୟ ବ୍ରହ୍ମଚାରୀ । ଅତି ସୁଶୀଳ ଶୁଦ୍ଧଚାରୀ ॥
ହୃଦରେ ବହୁ ଭକ୍ତି ପ୍ରୀତି । ଖଟନ୍ତି ମୁନି ପଦେ ନିତି ॥
ପୂଜାସାମଗ୍ରୀ ପୁଷ୍ପ ଜଳ । ଆଣନ୍ତି ଶୁଦ୍ଧ ନଦୀଜଳ ॥

ଚରାନ୍ତି ପ୍ରତିଦିନ ଗାଈ । ଦୁହାନ୍ତି ବାଛୁରି ପିଆଇ ॥
ଶିଷ୍ୟ ସେବାରେ ସୁପ୍ରସନ୍ନ । ମୁନି କରନ୍ତି ଅଧ୍ୟାପନ ॥
ବେଦ ପୁରାଣ ଇତିହାସ । କରାନ୍ତି ନିୟତ ଅଭ୍ୟାସ ॥
ସେ ଶିଷ୍ୟ ଅତି ବିଚକ୍ଷଣ । ଗୁରୁ ବଚନ ଅନୁକ୍ଷଣ ॥
କରନ୍ତି ଏକ ଲକ୍ଷ୍ୟେ ଧ୍ୟାନ । ଲଭିଲେ ବହୁ ତତ୍ତ୍ୱଜ୍ଞାନ ॥
ଦିନେ ସେ ନେଇଗଲେ ଗାଈ । ଅରଣ୍ୟେ ଚରାଇବା ପାଇଁ ॥
ଗାଈ ଚରାଇ ନଦୀକୂଳେ । ଶିଷ୍ୟ ବସିଣ ବୃକ୍ଷମୂଳେ ॥
ମନେ କରନ୍ତି ଆଲୋଚନା । ଏ ବିଶ୍ୱ ପ୍ରଥମ ସର୍ଜ୍ଜନା ॥
ତତ୍ତ୍ୱ ଚିନ୍ତାରେ ମନ ବୁଡ଼ି । ଗଲେ ସେ ଗାଈ କଥା ହୁଡ଼ି ॥
କ୍ରମେ ଦିବସ ଅବସାନ । ଶିଷ୍ୟର ହେଲା ବାହ୍ୟଜ୍ଞାନ ॥
ଦେଖନ୍ତି ତହିଁ ନାହିଁ ଗାଈ । ଖୋଜିଲେ ନାନାଦିଗେ ଧାଇଁ ॥
ନ ପାଇ ଗାଈ ମନଦୁଃଖେ । ଗୁରୁଙ୍କ ପାଶେ ଶୁଷ୍କ ମୁଖେ ॥
ମିଳଣ କହିଲେ ବିକଳେ । ମୁନି ମନରେ କ୍ଷୋଭ କଲେ ॥
ସେ ଗୁରୁ ଶିଷ୍ୟ ବେନି ଜଣେ । ଆଶ୍ରମ ସନ୍ନିକଟ ବଣେ ॥
ଖୋଜିଲେ ବହୁତ ନିରେଖି । ଫେରିଲେ ଗାଈକି ନ ଦେଖି ॥
ସେ ରାତ୍ରି କଲେ ଉପବାସ । ମନେ ପାଇଲେ ଅତି ତ୍ରାସ ॥
ସେ ଗାଈ ଆଶ୍ରମର ଧନ । ତାଠାରେ ମୁନିଙ୍କ ଜୀବନ ॥
ତାପସ-ପତ୍ନୀ ପତିବ୍ରତା । ସତତ ଗୋସେବା-ନିରତା ॥
ମଣ୍ଡ ତଣ୍ଡୁଳ କୁଣ୍ଡା ଘାସ । ଗାଈକି ନ କରାଇ ଗ୍ରାସ ॥
କରନ୍ତି ନାହିଁ ସେ ଭୋଜନ । ଗାଈ ନ ଦେଖି ଅବସନ୍ନ ॥
ବାଛୁରି ଛୁଡ଼େ ହମ୍ବାନାଦ । ତାପସ ମଣିଲେ ପ୍ରମାଦ ॥
ଦମ୍ପତ୍ତି ଗୁରୁ ଗୁରୁନାରୀ । ସେ ଗୁରୁଭକ୍ତ ବ୍ରହ୍ମଚାରୀ ॥
କାଟିଲେ ବିଷାଦେ ରଜନୀ । ଉଦୟ ନୋହୁ ଦିନମଣି ॥
ଗୁରୁଙ୍କ ଅନୁମତି ପାଇ । ଗଲେ ସେ ଶିଷ୍ୟ ଖୋଜି ଗାଈ ॥
ତାପସ କଲେ ନିତ୍ୟକୃତ୍ୟ । ବ୍ରାହ୍ମଣୀ ଶୋକ-ଅଭିଭୂତ ॥
ସେ ପତିପତ୍ନୀ ବେନି ଜଣ । ନ କଲେ ସେ ଦିନ ଭୋଜନ ॥
ପିଇଲେ ନାହିଁ ସୁଦ୍ଧା ଜଳ । ବାଛୁରି ରଡ଼ିଲେ ବିକଳ ॥

ରହିଲେ ଶିଷ୍ୟ ବାଟ ଚାହିଁ । ନ ଆସେ ଶିଷ୍ୟ ଅବା ଗାଈ ॥
ସେ ଦ୍ୱିଜ ରହେ ଉପବାସ । ମନରେ ଉପୁଜିଲା ତ୍ରାସ ॥
କାହିଁ ବା ଗାଈ କାହିଁ ଶିଷ୍ୟ । ବିତିଲା ଏକ ଅହର୍ନିଶ ॥
ଏପରି ଦ୍ୱିତୀୟ ଦିବସ । ବିତାଇ ରହିଲେ ତାପସ ॥
ଗାଈ ନାହିଁ କି ଶିଷ୍ୟ ନାହିଁ । ସେ ପତିପତ୍ନୀ ଚାହିଁ ଚାହିଁ ॥
ରହିଲେ ଚର ଉପବାସେ । ଏପରି ବହିଗଲା ମାସେ ॥
କାତରେ କାଟନ୍ତି ସେ ଦିନ । ନ ଖାଇ ହେଲା ତନୁ କ୍ଷୀଣ ॥
ମୁନି ଜାଣିଲେ ଯୋଗଧ୍ୟାନେ । ନାହିଁ ସେ ଧେନୁ ଆଉ ପ୍ରାଣେ ॥
ପତ୍ନୀ ପୁଚ୍ଛନ୍ତି ଅତି ଛନ୍ନେ । କହ କି ଆସେ ଭ୍ରମ ମନେ ॥
ଜୀବନେ ଅଛଟି କି ଗାଈ । ବ୍ରହ୍ମବୃଷି ବା ଗଲା କାହିଁ ॥
ବହୁତ କଟାଳେ ତରୁଣୀ । ସ୍ୱାମୀଙ୍କି ପୁଚ୍ଛେ ପୁଣି ପୁଣି ॥
ଦେଖିଣ ପତ୍ନୀ ଘୋରବ୍ୟଥା । କହିଲେ ବିପ୍ର ମନକଥା ॥
କିପାଇଁ କାନ୍ଦୁଛ ବିକଳେ । ଦିଶୁଛି ମୋତେ ଯୋଗବଳେ ॥
କେ ମାରୁ ଅବା କେହି ଖାଉ । ଧେନୁ ଜୀବନେ ନାହିଁ ଆଉ ॥
ଶିଷ୍ୟ ଆସିବ ଫେରି କାଲି । କି ପ୍ରୟୋଜନ ଆଉ ଭାଳି ॥
ଶୁଣି ଏ ଦାରୁଣ ବଚନ । ସେ ବିପ୍ରନାରୀ ଅଚେତନ ॥
ମାସୁଁ ଅଧିକ ଉପବାସ । ନାହିଁ ଶରୀରେ ପଲେ ମାଂସ ॥
ରହିଛି ମାତ୍ର ଅସ୍ଥିଚର୍ମ । କରନ୍ତି ପୁଣି ଯଥା କର୍ମ ॥
ନାହିଁ ଦେହରେ ତିଳେ ବଳ । ହେଲେ ସେ ବିଷାଦ-ବିହ୍ୱଳ ॥
ଟଳେ ପଡ଼ିଲେ ମୂରୁଛିତ । ବ୍ରାହ୍ମଣ ଅତ୍ୟନ୍ତ ଚକିତ ॥
ଶୀତଳ ଜଳ ଦେଲେ ଶିରେ । ବିଞ୍ଚିଲେ ବ୍ୟଜନେ ସୁଧୀରେ ॥
ବ୍ରାହ୍ମଣୀ ପାଇଲେ ଚେତନ । ବିକଳେ କରନ୍ତି ରୋଦନ ॥
ମୁନି କରନ୍ତି ମନସ୍ତାପ । ହେଲା ଗୋ-ହତ୍ୟା ମହାପାପ ॥
ବିଷାଦେ ପୁହାଇଲେ ରାତି । ରଜନୀ ନ ହେଉ ପାହାନ୍ତି ॥
ବ୍ରାହ୍ମଣୀ ନିତ୍ୟଶୌଚ ସାରି । ଆଣି ଗୋମତୀ ନଦୀବାରି ॥
ରଞ୍ଜିଲେ ସ୍ୱାମୀ ପୂଜାସ୍ଥଳେ । ବନ୍ଦିଲେ ତାଙ୍କ ପଦତଳେ ॥
ମକର ମାସ ପାହାନ୍ତିଆ । ଶୀତ ପ୍ରକୋପେ କମ୍ପେ ହିଆ ॥

କ୍ଷୁଧାରେ ଅବସନ୍ନ କାୟା । ସ୍ୱାମୀ ଚରଣେ ବିପ୍ରଜାୟା ॥
ତେଜିଲେ ଅକସ୍ମାତେ ପ୍ରାଣ । ଗାଈ ବିଷୟ କରି ଧ୍ୟାନ ॥
ଶୁଣିଲେ ମୁନି ଜ୍ଞାନବଳେ । ଦୁନ୍ଦୁଭିନାଦ ନଭସ୍ଥଳେ ॥
ଦେଖିଲେ ପତ୍ନୀ ଗଲେ ରଥେ । ପୁଷ୍ପ ପଡ଼ଇ ତାଙ୍କ ପଥେ ॥
ସବତ୍ସା ଧେନୁ ଶତ ଶତ । ଚାଲନ୍ତି ସେ ରଥ ଅଗ୍ରତ ॥
ଦେଖିଣ ମୁନି ହୃଷ୍ଟ ଚିତ୍ତେ । କହିଲେ ଧନ୍ୟ ଅନନ୍ଧତେ ॥
ତୁମ୍ଭର ପତିବ୍ରତାପଣ । ଗୃହିଣୀ ବିହିତ ସାଧନ ॥
ଗୋରୁ ଅତିଥି ପୂଜାବିଧି । ଲଭିଲ ଆଜ ପୂର୍ଣ୍ଣ ସିଦ୍ଧି ॥
ନିଜ ସୁକୃତ କର୍ମଫଳେ । ବସ ସ୍ୱରଗେ ସୁନିଶ୍ଚଳେ ॥
ଗୋସେବା ବ୍ରତ ପୁଣ୍ୟରାଶି । ତୁମ୍ଭେ ମରଣୁ ବିଷ୍ଣୁବାସୀ ॥
ଶିଖି ଲଭନ୍ତୁ ସ୍ୱର୍ଗେ ବାସ । ଗୀତେ ଭଣିଲ ଗୋପଦାସ ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ଗୋସ୍ୱବନସ୍ୟଃ ଅନାହାରେ
ଋଷିପତ୍ନୀ ପ୍ରାଣ-ବିୟୋଗେ ନାମ ପ୍ରଥମୋଽଧ୍ୟାୟଃ ।

—:O:—

## ଦ୍ୱିତୀୟ ଅଧ୍ୟାୟ

ପଡ଼ିଛି ବ୍ରାହ୍ମଣୀଙ୍କ ଶବ । ମୁନି କରନ୍ତି ବ୍ରହ୍ମ ସ୍ତବ ॥
ଅଲପ ଉଦେ ଦିନକର । ଶିଷ୍ୟ ମଥାରେ ମାରି କର ॥
ଅତି ବ୍ୟଥିତ ମନସ୍ତାପେ । ବ୍ୟାକୁଳ କରୁଣ ବିଳାପେ ॥
ଅଙ୍ଗ ଅବଶ ପଥଶ୍ରମେ । ପ୍ରବେଶ ହୋଇଲେ ଆଶ୍ରମେ ॥
ଆଶ୍ରମେ ଦେଖି ବିପଶ୍ଚିତ । ହେଲେ ସେ ଶୋକବିଜଡ଼ିତ ॥
ନିରେଖି ଗୁରୁପତ୍ନୀ ଶବେ । କାତରେ ରହିଲେ ନୀରବେ ॥
ସାରନ୍ତେ ଗୁରୁ ଉପାସନା । କରିଣ ଚରଣ ବନ୍ଦନା ॥
ଉର୍ଷ ସେ ହେଲେ ମନଦୁଃଖେ । ବଚନ ନ ସ୍ଫୁରଇ ମୁଖେ ॥
କହନ୍ତି ଗୁରୁ ଶିଷ୍ୟେ ଚାହିଁ । କରୁଛ ଶୋକ କାହିଁ ପାଇଁ ॥

ଆଗହୁଁ ଜାଣିଛୁ ମୁଁ ଧ୍ୟାନେ | ଆଶ୍ରମ ଧେନୁ ନାହିଁ ପ୍ରାଣେ ||
ଏ ତବ ଗୁରୁ ପତ୍ନୀ ସତୀ | ଧେନୁ ବିରହ ଶୋକେ ଅତି ||
ନ କର ପାନ ବା ଭୋଜନ | ହରାଇ ଅଛନ୍ତି ଜୀବନ ||
ତୁମ୍ଭେ ଆସିବା ପୂର୍ବକ୍ଷଣେ | ଚଳିଲେ ବନ୍ଦ ମୋ ଚରଣେ ||
ଯାହା ହେବାର ଯେତେବେଳେ | ହେଉଛି ବଳେ କାଳଖେଳେ ||
ଘଟଣାସ୍ରୋତ ଅବିରତ | ଚଳେ କାହାର କି ଆୟତ୍ତ ||
ଅଧିକ ନ କର ବିଳାପ | କିସ ଦେଖିଲ କହ ବାପ ||
କାହୁଁ ବା ଥିଲ ଏତେ ଦିନ | ଶ୍ରମେ ଦିଶଇ ତନୁ କ୍ଷୀଣ ||
ଶିଷ୍ୟ କହଇ ଯୋଡ଼ି କର | ଯାହା ଦେଖିଲି ମୁନିବର ||
ସ୍ମରିଲେ ହୃଦ ଯାଏ ଫାଟି | ଭୟରେ ନ ଫିଟଇ ପାଟି ||
ତବ ଆଦେଶ ଘେନି ଶିରେ | ଖୋଜିଲି ବହୁ ନଦୀତୀରେ ||
ଏ ପୁଣ୍ୟବନୁଁ ବହୁ ଦୂରେ | ଭ୍ରମିଲି ନାନା ପଲ୍ଲୀପୁରେ ||
ଦେଖିଲି ନାହିଁ କାହିଁ ଗାଈ | ସନ୍ଧାନ ନ ମିଳିଲା କାହିଁ ||
କପରି ଫେରିବି ଆଶ୍ରମେ | ବହୁତ ବିଚାରିଲି ମନେ ||
ଗାଈର ନ କଲେ ସନ୍ଧାନ | ନିଶ୍ଚେ ମୁଁ ହରାଇବି ପ୍ରାଣ ||
ପୁଣି ଭ୍ରମିଲି ଏ ବିଚାରେ | ଅନେକ ସ୍ଥାନେ ଅନାହାରେ ||
ବଣ ପଡ଼ିଆ ହାଟ ଗ୍ରାମ | ଦେଖିଲି ବୁଲି ଅବିଶ୍ରାମ ||
ଭ୍ରମିଲି କୋଡ଼ିଏ ଦିବସ | କ୍ଷୁଧାରେ ଶରୀର ଅବଶ ||
ଦେଖିଲି ଶେଷେ ଏକ ସ୍ଥାନେ | ନିଷ୍ଠୁର କଂସାଇ ଦୋକାନେ ||
ଝୁଲଇ ଭଙ୍ଗେ ଗାଈମୁଣ୍ଡ | ତଳେ ବସିଛି ମାଂସ କୁଣ୍ଡ ||
କଂସାଇ କୁଟେ ହାଡ଼ମାନ | ରକତେ ବୁଡ଼ିଛି ସେ ସ୍ଥାନ ||
କଂସାଇ ପିନ୍ଧି ଧରି ଛୁରି | ନିକଟେ କାଟଇ ବାଛୁରି ||
ପଡ଼ିଛି ଅନ୍ତ ଲୋମ ଚମ | ଦେଖି ହେଲା ମୋ ମଥାଭ୍ରମ ||
ସହିଁ ମୁଁ ନ ପାରିଲି ସହି | ଅଜ୍ଞାନେ ପଡ଼ିଗଲି ମହୀ ||
ପୁଣି କ୍ଷଣକେ ଚେତା ପାଇ | ବିଚାରେ ଏ ନୁହଇ ଗାଈ ||
ଛେଳି ବା ଆନ ଅନ୍ୟ ପଶୁ | ଶୋକ ଅଧୈର୍ଯ୍ୟ ମୋହବଶୁଁ ||
ପୁଚ୍ଛିଲି କଂସାଇକି ଯାଇ | ତୁମେ କି କାଟୁଅଛ ଗାଈ ||

ରୁକ୍ଷ କଟାକ୍ଷେ ମତେ ଚାହିଁ | କର୍କଶେ କହିଲ କଂସାଇ ||
ଗୋରୁ ନୁହେ ତ ଆଉ କଣ | ଛଦ୍ମେ ପଚାରେ ବ୍ରାହ୍ମଣ ||
ଦେଖୁଛୁ ଦୁଇ ଆଖି ଖୋଲି | ପଚାରୁ ଆଉରି କି ବୋଲି ||
ତହୁଁ ମୁଁ ବିନୀତ ବଚନ | କହୁ ତୋଷିଲି ତାର ମନ ||
କ୍ରୋଧ ନ କର ଶୁଣ ଭାଇ | ମୋ ମନେ କିଛି ଛନ୍ଦ ନାହିଁ ||
ମୁଁ ବ୍ରହ୍ମଚାରୀ ଥାଏଁ ବନେ | କେବେହେଁ ହେଲେ ମୋ ନୟନେ ||
ଗୋଚ୍ଛେଦ ଦୃଶ୍ୟ ଆସି ନାହିଁ | ତେଣୁ ମୁଁ ପଚାରିଲି ଯାଇ ||
ଏ ଗାଈ ବଳଦ କି କହ | କର ମୋଠାରେ ଅନୁଗ୍ରହ ||

## ଘାତକ ଉବାଚ

କହୁଚ ତୁମେ ଥାଅ ବଣେ | ଏଥି ଅଇଲ କି କାରଣେ ||
ଏସବୁ ପଚାର କପାଇଁ | ବଳଦ ନୁହେ ଏହା ଗାଈ ||
କି ଅବା ତୁମେ ଗୁପ୍ତ ଚର | ମନରେ କରୁଛ ବିଚାର ||
ଆଣିଛୁ ଏ ଗାଈ ଚୋରାଇ | ମୋଠାରୁ କଥା ନେବା ପାଇଁ ||
ପଚାର ମତେ କଅଁ ଲାଇ | ଛଦ୍ମେ ଡାକି ଯାଇ ଯାଇ ||
ତହୁଁ ମୁଁ ସକଳ ବୃତ୍ତାନ୍ତ | କହିଲି ତାକୁ ଆଦ୍ୟ ପ୍ରାନ୍ତ ||
ଶୁଣି ମୋଠାରୁ ସର୍ବ କଥା | ହେଲା ତା ମନେ ଗୁରୁବ୍ୟଥା ||
ଧେନୁ ପ୍ରାପ୍ତିର ବିବରଣ | କଲି ସେ ବିସ୍ତର ବର୍ଣ୍ଣନ ||
ସଂକ୍ଷେପେ କହେଁ ଗୁରୁଦେବ | ଅଧିକ କହିଲେ କି ହେବ ||
ସପ୍ତାହ ଅନ୍ତରେ ଯାଥିକା | ବସିଲେ ଲାଗେ ଗୋରୁହଟା ||
ବ୍ରାହ୍ମଣ ଆଦି ଯେତେ ଜାତି | ଗୋରୁ ବିକନ୍ତେ ଛନ୍ତି ମାତି ||
ବଳଦେ କରୁଛନ୍ତି ହଳ | ସରିଲେ ସେ ବଳଦ ବଳ ||
ବିକନ୍ତି ବୁଢାକାଳେ ହାଟେ | କଂସାଇ କିଣିନେଇ କାଟେ ||
ଗୋ-ସେବା ନ କରନ୍ତି ନର | ସରିବେ ଚଷନ୍ତି ଗୋଚର ||
ଧେନୁ ନ ପାଇ ତୃଣଜଳ | କଙ୍କାଳ ମାତ୍ର ଟଳ ଟଳ ||
ଗୋରୁଙ୍କୁ ନ ଦେଇ ଭୋଜନ | ନିଶ୍ଚିନ୍ତେ ଖାଉଛନ୍ତି ଜନ ||
ଗୋ-ବୃଷ ନ ପାଇ ଆହାର | ହେଲେଣି ଅତି ନାରଖାର ||

ଧେନୁ ବଳଦ ବୃଷ ବଛା । କଲେଣି ସକଳେ ଜୀବକା ॥
କଂସାଇ ଗୋରୁ ବଧ କରେ । ଦେଖନ୍ତି ସମସ୍ତେ ନେତ୍ରରେ ॥
ତଥାପି ଅଳ୍ପ ଧନ ପାଇ । ବିକନ୍ତି କଂସାଇକି ଗାଈ ॥
ଆଦର ସେନେହ ଭକତି । ନାହିଁ କାହାରି ଗୋରୁ ପ୍ରତି ॥
ଗୋମାତା ଗୋରୁ ଯେ ଦେବତା । ନାହିଁ ଆଉ ଏ ଶାସ୍ତ୍ରକଥା ॥
କେତେକ ଚଣ୍ଡାଳ ପାଷଣ୍ଡ । ବିଷେ ମାରନ୍ତି ଗୋରୁ ଷଣ୍ଢ ॥
ବିକନ୍ତି ନେଇ ତାଙ୍କ ଚର୍ମ । ଲୁପ୍ତ ହେଲାଣି ଆସି ଧର୍ମ ॥
ଶୁଣି ଏ ସର୍ବ ବିବରଣ । ମୁଖେ ମୋ ନ ଆସେ ବଚନ ॥
ଆବର କହିଲା କଂସାଇ । ହାଟରୁ କିଣିଲି ଏ ଗାଈ ॥
ବ୍ରାହ୍ମଣ ଜଣେ ଦେଲା ବିକି । କହିଲି ବିକୁଛ କାହିଁକି ॥
ଏ ଗାଈ ଦେହ ଅଛି ପୂରି । ନାହିଁ କି ଏହାର ବାଛୁରି ॥
ଏଭଳି ଦୁହାଁଳିଆ ଗାଈ । ଖୋଜିଲେ କାହିଁ ତ ନ ପାଇ ॥
କାହୁଁ ପାଇଛ ଏହୁ ଗାଈ । କି ଅବା ଆଣିଛ ଚୋରାଇ ॥
କପଟ ନ କର ବ୍ରାହ୍ମଣ । କହିଲା ନୁହେ ଚୋରାଧନ ॥
କେଜାଣି କାହାର ଏ ଗାଈ । ଗଲା ମୋହର କ୍ଷେତ ଖାଇ ॥
ବାଛୁରି ନ ଥିଲା ସଙ୍ଗରେ । ବାନ୍ଧି ରଖିଲି ଆଣି ଘରେ ॥
ରହିଲି ଦଦନ ତକାଇ । କେହି ନଇଲା ଖୋଜି ଗାଈ ॥
ତେଣୁ ମୁଁ କରୁଛି ବିକ୍ରୟ । କିଣ ନ କର ମନେ ଭୟ ॥
ତୁମେ ତ ତୁରନ୍ତ ନିକାଶ । କରି ବିକିବ ଏହା ମାଂସ ॥
ବ୍ରାହ୍ମଣଠାରୁ ଶସ୍ତା ପାଇ । କିଣି ମୁଁ କାଟୁଛି ଏ ଗାଈ ॥

## ମୁନି ଉବାଚ

ନ କହ ମତେ କିଛି ଆଉ । ଶୀଘ୍ର ମୋର ଏ ଜୀବ ଯାଉ ॥
ଗୋ-ଜାତି ଦୁର୍ଦ୍ଦଶା ଏପରି । ଅଛି କେମନ୍ତେ ବସୁନ୍ଧରା ॥
ହତ୍ୟା କମନ୍ତେ ଗୋ-ବିକ୍ରୟ । ହେଲାଣି ଧର୍ମମୂଳ କ୍ଷୟ ॥
ଏତକ କହି ମୁନି କ୍ଷୁନ୍ନେ । ନିର୍ବେଦେ ରହିଲେ ମଉନେ ॥

ଶିଷ୍ୟ ରହିଲେ ଶଙ୍କାଚରେ । ଭଣିଲି ଦୀନ ଗୋପ ଗୀତେ ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ମୁନି ସମୀପେ ଶିଷ୍ୟ ଗୋହରଣ କଥା
ବର୍ଣ୍ଣନେ ନ ମ ଦ୍ୱିତୀୟୋଽଧ୍ୟାୟଃ ।

---

## ତୃତୀୟ ଅଧ୍ୟାୟ

ପତିତକ ଅନ୍ତେ ତପୋଧନ । ଲୁଷିଲେ ଫିଟାଇ ନୟନ ॥
ଶୁଣ ହେ ବତ୍ସ ବ୍ରହ୍ମଋଷି । ସ୍ଥିର କରଛୁ ମୁଁ ବିଚାର ॥
ନାହିଁ ଏ ଦେହେ ପ୍ରୟୋଜନ । ମରିବି କରି ଅନଶନ ॥
କାଳର ଗତି ଭୟଙ୍କର । ପାପେ ମଜ୍ଜନ୍ତି ସର୍ବ ନର ॥
ବ୍ରାହ୍ମଣ ଯହିଁ ବିକେ ଗାଈ । ମ୍ଳେଚ୍ଛ ଘାତକେ ଧନ ପାଇ ॥
ନିଜସ୍ୱ ପରସ୍ୱ ନବାରେ । ଧର୍ମ କି ଅଛି ଏ ସଂସାରେ ॥
ଅପରାପର ବର୍ଣ୍ଣମାନେ । ନ ରହି ବିହିତ ବିଧାନେ ॥
କରନ୍ତି ଯେବେ ଗୋ-ବିକ୍ରୟ । ଜାଣ ଏ ବଜ୍ରପାତ ସମୟ ॥
ଗୃହସ୍ଥ ଯେବେ ଗୋରୁ ପ୍ରତି । ନ କରେ ଆଦର ଭକତି ॥
ଗୋ-ସେବା ନ କରନ୍ତି ନାରୀ । ଦିଅନ୍ତି ନାହିଁ ତୃଣ ବାରି ॥
ପୋଛନ୍ତି ନାହିଁ ସେ ଗୁହାଳ । ଆସିଲା ଏ ବିଷମ କାଳ ॥
ଏ କଳିଯୁଗେ ଲୋକଗଣ । ଲୋଡ଼ନ୍ତି ଆପଣା ମରଣ ॥
ଯାଇଛି ସବୁ ଧର୍ମ ନାଶ । ଦେବତା ଗୋରୁରେ ବିଶ୍ୱାସ ॥
ଚଳାଉଥିଲା ଧର୍ମ ନାବ । ସେ ଏବେ ଘଟିଲା ଅଭାବ ॥
ଏ ଶେଷ ସମୟ ପ୍ରବେଶ । ଏଣିକି ମହା ଘୋର କ୍ଳେଶ ॥
ଗୋରୁ ସେ ସାକ୍ଷାତେ ଦେବତା । ଗାବର ହରତା କରତା ॥
ଗୋରୁ ଅମୃତ ରସଦାତା । ଜଗତ ଜନ ପିତାମାତା ॥
ଇହ ସଂସାରେ ମହାଧନ । ମରଣେ ମୁକତି କାରଣ ॥
ଏ ତଥ୍ୟ ଛାଡ଼ିଲେଣି ଲୋକେ । ମରିବେ ଏବେ ହାହାଶୋକେ ॥

ଦେଖି ଲୋକରେ ଏ ବେଭାର । ଗୋ-ଜାତି ପ୍ରତି ଅତ୍ୟାଚାର ॥
ଜାଣିଛୁ ଏ ଘୋର ଦୁର୍ଗତି । ପାପେ ବୁଡ଼ିବ ବସୁମତି ॥
ଛାଡ଼ିବି ଏବେ କଳେବର । ବଞ୍ଚିବା ନୁହେ ଶ୍ରେୟସ୍କର ॥
ମୋର ଏ ପତ୍ନୀ ପତିବ୍ରତା । ଥିଲା ସତତ ଧର୍ମରତା ॥
ଥିଲା ତପର ସେବା ବ୍ରତେ । ସେ ଓବେ ଛାଡ଼ିଗଲା ମତେ ॥
ଆଶ୍ରମ ଧେନୁ ଲାଗି ନାରୀ । ମଲା ଏ ଜାଣ ବ୍ରହ୍ମଚାରୀ ॥
ଧେନୁ ଆଶ୍ରମୁଁ ଯିବା ଦିନୁଁ । ରହିଲା ଜଳପାନ ବିନୁଁ ॥
ତୁମ୍ଭେ ଆସିବା ପୂର୍ବକ୍ଷଣେ । ଗଲା ଏ ଅମର ଭୁବନେ ॥
ଗଲା ଅପୂର୍ବ ଦିବ୍ୟ ରଥେ । କୁସୁମ ବରଷିଲା ପଥେ ॥
ଏ ନାରୀ ଅତି ଭାଗ୍ୟବତୀ । ଥିଲା ତପସ୍ୟା ମୂର୍ତ୍ତିମତୀ ॥
ମୋ ତପ ଏହାର ସଙ୍ଗତେ । ସମାପ୍ତ ହେଲା ଏ ଜଗତେ ॥
ମୋ ବିନା କ୍ଷଣେ ଧୈର୍ଯ୍ୟ ଧରି । ରହି ନ ପାରେ ଏ ସୁନ୍ଦରୀ ॥
ଏ ଏବେ ସ୍ୱର୍ଗଲୋକେ ଯାଇ । ଥିବ ମୋହର ବାଟ ଚାହିଁ ॥
ନ କରି ବିଳମ୍ବ ଅଧିକ । ହେବି ମୁଁ ସେ ପୁର ପଥିକ ॥
ପୁଣି ଆଶ୍ରମ ଧେନୁ ବଧ । ହୋଇଛି ସେ ଅନ୍ୟ ଆପଦ ॥
ସେ ହତ୍ୟା ପାପ ଶିରେ ବହି । ଗୋରକ୍ତେ ସିକ୍ତ ଦେଖି ମହୀ ॥
ବଞ୍ଚି ରହିବା ଅକଲ୍ୟାଣ । ତେଜିବି ଯୋଗେ ଶୀଘ୍ର ପ୍ରାଣ ॥
ଗୋହତ୍ୟା ପାପୁଁ ମୁକ୍ତି ଆଶେ । ରହିବ ପୁଣି ଉପବାସେ ॥
କଠୋର ତପସ୍ୟା ସାଧନେ । ଦେହ ଛାଡ଼ିବି ଯୋଗାସନେ ॥
ଏହା ମୋ ମନେ ସୁନିଶ୍ଚିତ । ଏଥିରେ ନ ଦେବ ହସ୍ତ ॥
କହିଲି ମୋର ମନକଥା । ନ ପାଅ ବାବୁ ଧର୍ମେ ବ୍ୟଥା ॥
କର ଲୌକିକ ବ୍ୟବହାର । ଏ ଗୁରୁପତ୍ନୀଙ୍କ ସଂସ୍କାର ॥
ମୋ ଆଶୀର୍ବାଦ ଘେନି ଶିରେ । ପ୍ରସ୍ଥାନ କର ନିଜ ଘରେ ॥
ତୁମ୍ଭ ସେବାରେ ମୁଁ ପ୍ରସନ୍ନ । ସରିଛି ତୁମ୍ଭ ଅଧ୍ୟୟନ ॥
ଲଭିଛ ଶାସ୍ତ୍ରେ ପାରଗତା । ତୁମ୍ଭେ ସୁଜ୍ଞାନୀ ସୁବକ୍ତା ॥
ସାଧିବ ତୁମ୍ଭେ ମୋ ଉଦ୍ଦେଶ୍ୟ । କି ଆଉ କହିବି ବିଶେଷ ॥
ଶିଷ୍ୟ କହନ୍ତି ପଶ୍ଚାତାପେ । ମୁଁ ଯେ ମଜ୍ଜିଲି ମହାପାପେ ॥

ମୋ ଦୋଷେ ହେଲା ଏ ଗୋବଧ । ଘଟିଲା ସମସ୍ତ ବିପଦ ॥
ଏ ଗୁରୁପତ୍ନୀ ସୁଲକ୍ଷଣୀ । ପ୍ରତ୍ୟକ୍ଷେ ଥିଲେ ମୋ ଜନନୀ ॥
ପାଳିଲେ ମତେ କି ଆଦରେ । ତନୁ ତେଜିଲେ ମୋ ଦୋଷରେ ॥
ଏକେ ଗୋ ବଧ ମହାପାପ । ସ୍ତ୍ରୀ-ବଧ ପାପେ ନାହିଁ ମାପ ॥
ତାପରେ ଗୁଣି ଗୁରୁନାରୀ । ମୁଁ କି ତ୍ରିପାପୁଁ ହେବ ପାରି ॥
ଆପଣ ମୋ ଜୀବନ ଗତି । ଜାଳିଛ ହୃଦେ ଜ୍ଞାନ-ବତି ॥
ମତେ ତେଜି ଏ ଭବଜଳେ । ଇଚ୍ଛାରେ ଯିବ ନିତ୍ୟ ସ୍ଥଳେ ॥
କିପାଇଁ ଏତେ ପାପ କରି । ରହିବି ମୁଁ ବା ଦେହ ଧରି ॥
ଏ ଯେ ଦୁସ୍ତର ପାପରାଶି । ଗ୍ରାସିଛି ମତେ ଏବେ ଆସି ॥
ଏଥିରୁ କହ କି ପ୍ରକାରେ । ଉଦ୍ଧାର ପାଇବି ସଂସାରେ ॥
ସକଳ ଦିଗ ମତେ ଶୂନ୍ୟ । ନାହିଁ ମୋହର ଟିକେ ପୁଣ୍ୟ ॥
ହେ ତପୋଧନ ଦୟା ବହି । ଉପାୟ ମୋତେ ଦିଅ କହି ॥
ନ ହେଲେ ନିଜ ସଙ୍ଗେ ନିଅ । ସଦା ଚରଣ ସେବା ଦିଅ ॥
ବୁଦ୍ଧି ବିବେକ ମୋର ନଷ୍ଟ । ହୃଦେ ହେଉଛି ଗୁରୁ କଷ୍ଟ ॥
ଉଜ୍ଜ୍ୱଳ ଆଲୋକ ଦେଖାଅ । କର୍ତ୍ତବ୍ୟ ପଥ ମୋ ବତାଅ ॥

## ଗୁରୁ ଉବାଚ

ବିକଳ ନୁହ ବ୍ରହ୍ମଚାରି । ହେବ ସକଳ ପାପୁଁ ପାରି ॥
ଏ ଯେ ଜଗତ କାଳକାରୀ । ଏଠାରେ କାହାର କି ଚାରି ॥
ସମସ୍ତ କାଳର ଆୟତ୍ତେ । ଚଳନ୍ତି ନିଜ ନିଜ ପଥେ ॥
କରନ୍ତି ନିଜ କର୍ମ ଖେଳା । ମରନ୍ତି ଯେବେ ଆସେ ବେଳା ॥
ସ୍ଥାବରୁ ବ୍ରହ୍ମ ପର୍ଯ୍ୟନ୍ତେ । ଜନ୍ମ ମରଣ ଏହିମତେ ॥
ଲାଗିଛି ନିତି ଇହଲୋକେ । କିପାଁ ଅଧୀର ହୁଅ ଶୋକେ ॥
ତୁମ୍ଭର ଯୌବନ ଅଗମ । ରୂପ ସ୍ୱଭାବ ଅନୁପମ ॥
ହୋଇଛ ଶାସ୍ତ୍ରେ ଧୁରନ୍ଧର । ଏବେ ଗୃହସ୍ଥାଶ୍ରମ କର ॥
ସଂସାରେ ରହି ନିଜ କର୍ମେ । ଲୋକଙ୍କୁ ପ୍ରବର୍ତ୍ତାଅ ଧର୍ମେ ॥
ଗୋ-ସେବା କର ଅନୁକ୍ଷଣ । ଗୋ-ହିତେ ବ୍ୟୟ କର ଧନ ॥

ଗୋ-ମୁଖେ ଦଅ ହେ ଆହାର । ଗୋ-ସେବା ଲୋକରେ ପ୍ରଚାର ॥
ଗୋ-ରକ୍ଷା ଉପାୟ ବିଧାନ । ସୁଯୋଗ୍ୟ ପାତ୍ରେ ଧେନୁ ଦାନ ॥
କର ସନ୍ତତ ମନତୋଷେ । ପଡ଼ିବ ନାହିଁ ହତ୍ୟା ଦୋଷେ ॥
ଏଣେ ସାଧିବ ଦେବ କାର୍ଯ୍ୟ । ହୋଇବ ଧନ୍ୟ ପୁଣ୍ୟ ଆର୍ଯ୍ୟ ॥
ହଡାଅ ନାହିଁ ଆଉ କାଳ । ଅଧିକ ମନରେ ନ ଭଲ ॥
ଏପରି ଶବ ଏବେ ନିଅ । ଗୋମତୀ ତୀରେ ଯାଇ ଦିଅ ॥
ଶଉଚ ଶାନ୍ତ ବେଗେ ସାରି । ଆସ ମୋ ପାଶେ ବ୍ରହ୍ମଚାରି ॥
କରିବ ହୃତ କର୍ମ ଶେଷ । ଦେବି ତୁମ୍ଭଙ୍କୁ ଉପଦେଶ ॥
ଗୋ-ତତ୍ତ୍ୱ ଗୋ-ମାହାତ୍ମ୍ୟମାନ । କରିବି କହିତେ ବ୍ୟାଖ୍ୟାନ ॥
ଆସିବ ଗୋପ୍ରତି ମମତା । ପୂଜିବେ ଲୋକେ ଗୋ-ଦେବତା ॥
ଏ କାର୍ଯ୍ୟେ ତୁମ୍ଭ ପାପ କ୍ଷୟ । ହୋଇବ ଜାଣ ହେ ନିଶ୍ଚୟ ॥
ଗୁରୁ ଆଦେଶ ଘେନି ଶିରେ । ଶିଷ୍ୟ ଗୋମତୀ ନଦୀତୀରେ ॥
କରି ବିହିତ କର୍ମ ଶେଷ । ଗୁରୁ ସମୀପେ ପରବେଶ ॥
ଯୋଗ ଯୁକତ ହୋଇ ମୁନି । ରହିଲେ କିଛି କ୍ଷଣ ତୁନି ॥
ଉପରେ ଗୋ-ମାହାତ୍ମ୍ୟ ଗାଥା । ଶିଷ୍ୟବତ୍ସଳ ଜ୍ଞାନଦାତା ॥
କହିଲେ ଶାସ୍ତ୍ରରୁ ଉଦ୍ଧାରି । ଶୁଣ ସକଳ ନରନାରୀ ॥
ଯିବ ଏଥିରେ ପାପକ୍ଷୟ । ହେବ ସୁକୃତ ଭାଗ୍ୟୋଦୟ ॥
ମିଳିବ ସୁଧେନୁ ସୁବାସ । କହେ ପାମର ଗୋପ ଦାସ ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ଶିଷ୍ୟ ବିଷାଦେ ନାମ ତୃତୀୟୋଽଧ୍ୟାୟଃ ।

---

# ଚତୁର୍ଥ ଅଧ୍ୟାୟ

## ଗୁରୁ ଉବାଚ

ଗୋଜାତି ମାହାତ୍ମ୍ୟ ବିସ୍ତାର । କେବା କହିବ ବ୍ରହ୍ମଚାରୀ ॥
ଯାହାର ଶୃଙ୍ଗୁ ପାଦ ଯାଏ । ଅଙ୍ଗେ ବସନ୍ତି ଦେବତାଏ ॥

ବେଦରେ ମହିମା ଯାହାର । ଗାଇଲେ ମୁନି ବାରମ୍ବାର ॥
ଅନଳେ ଦେଇଣ ଆହୁତି । ଇନ୍ଦ୍ରାଦି ଦେବେ କଲେ ସ୍ତୁତି ॥
ହେ ଇନ୍ଦ୍ର, ବର୍ଷ ସୁଧା ଜଳ । ହେଉ ଉଦ୍ଭିଜ ଫୁଲ ଫଳ ॥
ଗୋରୁ ଚରନ୍ତୁ ବନଭାଗେ । ଦିଅନ୍ତୁ ଦୁଗ୍ଧ ଘୃତ ଯାଗେ ॥
ଦସ୍ୟୁ ରାକ୍ଷସେ କର ନାଶ । ଗୋରୁଙ୍କୁ ଦିଅନ୍ତି ଯେ ତ୍ରାସ ॥
ବେଦ ବନ୍ଦନେ ଲଭି ତୁଷ୍ଟି । ଇନ୍ଦ୍ର କରନ୍ତି ସୁଧା ବୃଷ୍ଟି ॥
ସତ୍ୟାଦି ଯୁଗେ ଏହି ମତେ । ଗୋ-ଜାତି ବଢିଲେ ଜଗତେ ।
ମୁନି ଆଶ୍ରମେ ଧେନୁ ଧନ । କରନ୍ତି କାମନା ପୂରଣ ॥
ତେଣୁ ସେ କାମଧେନୁ ନାମେ । ଖ୍ୟାତି ଲଭିଲେ ତିନି ଧାମେ ॥
ଯଯାତି ଆଦି ନରରାଣ । କରି ଅସଂଖ୍ୟ ଧେନୁଦାନ ।
ଅର୍ଜିଲେ ଅକ୍ଷୟ କୀରତି । ପୁଣ୍ୟେ ପାଳିଲେ ବସୁମତୀ
ତ୍ରେତାରେ ରାମ ମହାରାଜ । ଗୋ-ବିପ୍ର ପାଳି କଲେ ରାଜ୍ୟ ॥
ଦ୍ୱାପରେ ନିଜେ ଦେବ ହରି । ଗୋପେ ମାନବଦେହ ଧରି ॥
କଲେ ଗୋକୁଳ ହିତ ଯେତେ । ତାହା ବା କହିବି ମୁଁ କେତେ ॥
ସର୍ବେ ଏପରି ମହାଜନ । ପାଳିଲେ ଆଦରେ ଗୋଧନ ॥
ତେଣୁ ଐଶ୍ୱର୍ଯ୍ୟ ସୁଖଭୋଗୀ । ଥିଲେ ସେ ସର୍ବଦା ନିରୋଗୀ ।
ମରଣେ ଗଲେ ପୁଣ୍ୟସ୍ଥାନେ । ଅତି ଦୁର୍ଲ୍ଲଭ ଦେବଯାନେ ॥
ଗୋଲୋକ ଦେବଲୋକ ପରେ । ସୁରଭି ସେ ସ୍ଥାନେ ବିହରେ ॥
ସୁରଭି ସନ୍ତତି ଗୋ-ଜାତି । ତ୍ରିଲୋକେ ଲଭିଛନ୍ତି ଖ୍ୟାତି ॥
ନିଜେ ଶଙ୍କର ଗୋ-ଗୌରବେ । ବାହନେ ବାଛିଲେ ବୃଷଭେ ॥
ବେଦ ପୁରାଣ ଇତିହାସ । କରେ ଗୋ-ମାହାତ୍ମ୍ୟ ପ୍ରକାଶ ॥
ସେ ସର୍ବ ଶାସ୍ତ୍ର ପିତାମହ । ସଂକ୍ଷେପେ କରିଣ ସଂଗ୍ରହ ॥
ମହାଭାରତ ଯୁଦ୍ଧ ଶେଷେ । ଯୁଧିଷ୍ଠିରଙ୍କୁ ଉପଦେଶେ ॥
କହିଲେ ଜନ ଉପକାରେ । ତୁମ୍ଭେ ତା ପ୍ରଚାର ସଂସାରେ ॥
ତେଣେ ଖଣ୍ଡିବ ତୁମ୍ଭ ପାପ । ବିନଷ୍ଟ ହୋଇବ ତ୍ରିତାପ ॥

## ଶିଷ୍ୟ ଉବାଚ

ହେ ଗୁରୁ କର ଅନୁଗ୍ରହ । କହିଲେ ଯାହା ପିତାମହ ॥

ଗ୍ରନ୍ଥେ ପଢ଼ିଛୁ ସେ ଚରିତ । ତଥାପି ଲୋଡ଼ଇ ମୋ ଚିତ୍ତ ॥
ଶୁଣିବି ତବ ମୁଖୁଁ ଚାରେ । ବର୍ଣ୍ଣିବ ଅପୂର୍ବ ପ୍ରକାରେ ॥
ଏହା ଯେ ଶେଷ ଉପଦେଶ । ବିସ୍ତାରି କହ ହେ ବିଶେଷ ॥
ଆଉ କି ମୋର ହେବ ଭାଗ୍ୟ । ସେବି ଚରଣେ ମହାଭାଗ ॥
ବସି ସେ ଉପଦେଶାମୃତ । ଶୁଣି ହୋଇବି କୃତକୃତ୍ୟ ॥
ଆଉ ଏ ଜନ୍ମେ ନାହିଁ ଦେଖା । ନ କର ତୁରନ୍ତେ ଉପେକ୍ଷା ॥
ଗୋ-ସେବା ମୋ ଜୀବନ ଦୀକ୍ଷା । କରିବି ଧାଅ ପୂର୍ଣ୍ଣ ଶିକ୍ଷା ॥
ତବ ଆଦେଶେ ତପୋଧନ । ଗୋ-ହିତେ ଦେବି ଏ ଜୀବନ ॥
ତେଣୁ ଗୋ-ଜାତି ହିତ କଥା । ଉତ୍ପତ୍ତି ପାଳନ ବ୍ୟବସ୍ଥା ॥
ବିଶଦେ କହ ହେ ତାପସ । ତୃପତ ହେଉ ମୋ ମାନସ ॥
ଏତେ କହି ସେ ଶିଷ୍ୟବର । ଧରିଣ ଗୁରୁଙ୍କ ପୟର ॥
ସ୍ୱାମୀଙ୍କ ପଡ଼ିଲେ ଚରଣେ । ଗୀତରେ ଗୋପ ଦାସ ଭଣେ ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ଗୁରୁପଦେ ଗୋ-ତତ୍ତ୍ୱ ଜ୍ଞାପନାଖ୍ୟ
ଶିଷ୍ୟ ନିବେଦନେ ନାମ ଚତୁର୍ଥୋଽଧ୍ୟାୟଃ ।

---

# ପଞ୍ଚମ ଅଧ୍ୟାୟ

## ଗୁରୁ ଉବାଚ

କୌରବେ ପାଣ୍ଡବ ସମରେ । ଭୀଷ୍ମ ଆହତ ପାର୍ଥ ଶରେ ॥
ସମ୍ମୁଖେ ଶିଖଣ୍ଡିଙ୍କି ଦେଖି । ରହିଲେ କୋଦଣ୍ଡ ଉପେକ୍ଷି ॥
ଭୀଷ୍ମ ଆଜନ୍ମ ବ୍ରହ୍ମଚାରୀ । ନାରୀ ବା ନାରୀରୂପଧାରୀ ॥
ଦେଖିଲେ ନ କରିବେ ରଣ । ଏହା ତାଙ୍କର ଦୃଢ଼ପଣ ॥
ତେଣୁ ସେ ନ ରହି ସମରେ । ଶୋଇଲେ ଶରଶଯ୍ୟାପରେ ॥
ଉତ୍ତରାୟଣ ପରବେଶେ । ଯିବେ ଇଚ୍ଛାରେ ସ୍ୱର୍ଗଦେଶେ ॥
ସଂଗ୍ରାମ ଅନ୍ତେ ଧର୍ମରାଜ । ଫେରି ପାଇଲେ ନିଜ ରାଜ୍ୟ ॥
ଆସିଲେ ପିତାମହ ପାଶେ । ଶାସନ ବିଧି ଶିକ୍ଷା ଆଶେ ॥

ସଙ୍ଗେ ଅଛନ୍ତି ଭାଇ ଚାରି । ଯଦୁନନ୍ଦନ ଚକ୍ରଧାରୀ ॥
ବିଦୁର ଧୃତରାଷ୍ଟ୍ର ଆଦି । ଅନେକ ଋଷି ବ୍ରହ୍ମବାଦୀ ॥
ଭୀଷ୍ମେ ପୁଚ୍ଛିଲେ ଯୁଧିଷ୍ଠିର । ତୁମ୍ଭେ ତ ସୁଜ୍ଞାତ ଶରୀର ॥
ଉତ୍ତରାୟଣ ପରବେଶେ । ତେଣୁ ଉଚିତ ଉପଦେଶେ ॥
ଦେଖାଅ ମତେ ଧର୍ମପଥ । ପୂରୁ ମୋହର ମନୋରଥ ॥
ସେ ଭୀଷ୍ମ ଜ୍ଞାନବନ୍ତ ଅତି । ଦେଖିଣ ଯୁଧିଷ୍ଠି ଭକତି ॥
କହିଲେ ନାନା ତତ୍ତ୍ୱମାନ । ପ୍ରବୃତ୍ତି ନିବୃତ୍ତି ସଦ୍‌ଜ୍ଞାନ ॥
ଶାସନନୀତି ରାଜଧର୍ମ । ଗୃହସ୍ଥାଶ୍ରମେ ଯେତେ କର୍ମ ॥
ସକଳ ଧର୍ମେ ଦାନ ସାର । ଯହିଁରେ ପର ଉପକାର ॥
ଦାନେ ଗୋଦାନ ଶ୍ରେଷ୍ଠ ଅତି । କହିଲେ ଭୀଷ୍ମ ମହାମତି ॥
ବୁଝାଇ ଗୋଦାନ ମହତ୍ତ୍ୱ । କହିଲେ ଯେତେ ଯେତେ ତତ୍ତ୍ୱ ॥
ଶୁଣ ତା ମନ କରି ସ୍ଥିର । ଶୁଣିଲେ ଯଥା ଯୁଧିଷ୍ଠିର ॥

## ଭୀଷ୍ମ ଉବାଚ

ହେ ଯୁଧିଷ୍ଠିର ନରପତି । ଗୋଦାନେ ମିଳଇ ଯେ ଗତି ॥
କହୁଛି ଏବେ ତା ନିର୍ଣ୍ଣୟ । ଶୁଣ କରିଣ ଏକଲୟ ॥
ଗୋ-ଜାତି ଉଦ୍ଭବ ବୃତ୍ତାନ୍ତ । କହିବି ଆଗେ ଶୁଣ ତାତ ॥
ସ୍ୱୟମ୍ଭୂ ବ୍ରହ୍ମା ଦକ୍ଷେ ଚାହିଁ । କହିଲେ ପ୍ରଜାସୃଷ୍ଟି ପାଇଁ ॥
ତେଣୁ ସେ ଦକ୍ଷ ପ୍ରଜାପତି । ପ୍ରଜା ସୃଜନେ କଲେ ମତି ॥
ନ କରି ବୃତ୍ତି ସୁବିହିତ । ପ୍ରଜା ସୃଜିବା ଅନୁଚିତ ॥
ଅମୃତ ଆଶ୍ରୟେ ଯେସନ । ସ୍ୱର୍ଗେ ବସନ୍ତି ଦେବଗଣ ॥
ତେସନ ସ୍ୱବୃତ୍ତି ଆଶ୍ରୟ । କରି ବଞ୍ଚିବେ ପ୍ରଜାଚୟ ॥
ଅଚର ତହୁଁ ଶ୍ରେଷ୍ଠ ଚର । ଚରଙ୍କ ମଧ୍ୟେ ଶ୍ରେଷ୍ଠ ନର ॥
ନରେ କରନ୍ତି ନାନାକର୍ମ । ବିହିତ ବୃତ୍ତି ଦାନଧର୍ମ ॥
ସେ ଫଳେ ପାଇବେ ଅମୃତ । ତେବେଣେ ହୋଇବେ କୃତକୃତ୍ୟ ॥
ତେଣୁ ଅମୃତ ସୃଷ୍ଟି ଆଶେ । ସେ ଦକ୍ଷ ପାଞ୍ଚିଲେ ମାନସେ ॥
ହୋଇଣ ଘୋର ଅଭିଭୂତ । ଆପେ ସେ ପିଇଲେ ଅମୃତ ॥

ଅମୃତ ପାନେ ମୁଖେ ବାସ । ବାହାରେ ସୁଗନ୍ଧ ନିଶ୍ୱାସ ॥
ନିଶ୍ୱାସୁଁ ସୁରଭି ଜନମ । ଅତି ସୁନ୍ଦର ଅନୁପମ ॥
ସୁରଭି ଦକ୍ଷ ଆଦିସୁତା । ଦେବମାନବ ସୁଖଭୂତା ॥
ସୁରଭି ତହୁଁ ଯେତେ ଜାତ । ଗୋମାତା ବୋଲି ଲୋକେ ଖ୍ୟାତ ॥
ହେଲେ ଅସଂଖ୍ୟ ଗୋବୃଷଭ । ଏପରି ଜଗତେ ସମ୍ଭବ ॥
କପିଳା ଆଦି ଶତ ଶତ । ଧେନୁ ସୁରଭି ତହୁଁ ଜାତ ॥
ତହୁଁ ଅମୃତ ଶୁଦ୍ଧ ଧାରା । ସ୍ରବଣ ଭସାଇଲା ଧରା ॥
ଫେଣେ ସାଗର ଊର୍ମି ସମ । ଅମୃତେ ପୃଥ୍ୱୀ ମନୋରମ ॥
ସୁରଭି ଲୋକୁଁ ଫେଣ ବହି । ପଡ଼ିଲା ଆସି ଯେବେ ମହୀ ॥
ପଡ଼ିଲା ଆଗେ ହର ଶିରେ । ଥିଲେ ସେ ସେକାଳେ ମହୀରେ ॥
ସେ ହର କୋପ କଲେ ମନେ । ଚାହିଁଲେ ଲଲାଟ ନୟନେ ॥
ସୁରଭି ସୁତସୁତାଚୟ । ମନରେ କଲେ ମହାଭୟ ॥
ରୁଦ୍ରନୟନ ଜ୍ୟୋତି ଯୋଗେ । ଶୋଭିଲେ ଭୟେ ନାନାରଙ୍ଗେ ॥
ଲାଗିଲେ ଯଥା ରବିକର । ଦିଶେ ଅମ୍ବରେ ଜଳଧର ॥
ଦେଖି ଧେନୁଙ୍କ ଆଦ୍ୟ ରଙ୍ଗ । ମହେଶ ପ୍ରକୋପେ ବିଭଙ୍ଗ ॥
କ୍ରୋଧେ କହନ୍ତି ଦକ୍ଷ ବାଣୀ । କ୍ଷମା କୋପିଲ ଶୂଳପାଣି ॥
ଗୋରସ ନୁହଇ ଉଚ୍ଛିଷ୍ଟ । କ୍ଷମାଇ କର ମନେ କଷ୍ଟ ॥
ଏ ଯେ ଅମୃତ ଶୁଦ୍ଧ ସ୍ରାବ । ପଡ଼ିଲା ତୁମ୍ଭ ଶିରେ ଭବ ॥
ଏଣେ ହୋଇବ ପ୍ରଜାହିତ । ଏ ନୁହେ କେବେହେଁ ଦୂଷିତ ॥
ସୋମ ଅମୃତ କରି ପାନ । କରେ ତା ଜଗତକୁ ଦାନ ॥
ଉଚ୍ଛିଷ୍ଟ ନୁହେ ସେ ଅମୃତ । ତେଣେ ଜଗତ ଉପକୃତ ॥
ଅନିଳ ସୁବର୍ଣ୍ଣ ଅନଳ । ଯେସନ ମହୋଦଧି ଜଳ ॥
ନୁହେ ଅଶୁଦ୍ଧ ବ୍ୟବହାରେ । ଗୋରସ ବୁଝ ସେ ପ୍ରକାରେ ॥
ଏ ଯେତେ ସୁରଭି ସନ୍ତତି । ପାଳିବେ ସର୍ବ ବସୁମତି ॥
ଦେଇଣ ଘୃତ ଦଧି ପୟ । ସାଧିବେ ପ୍ରଜାଗଣ ଶ୍ରେୟ ॥
ତେଣୁ ଏ ଗୋଜାତି ମଙ୍ଗଳ । ବାଞ୍ଛନ୍ତୁ ଜଗତେ ସକଳ ॥
ଏତେ କହନ୍ତେ ପ୍ରଜାପତି । ଶାନ୍ତ ହୋଇଲେ ପଶୁପତି ॥

ସେ ଦକ୍ଷ ଗୋସଙ୍ଗେ ବୃଷଭେ । ଦେଲେ ସନ୍ତୋଷେ ମହାଦେବେ ॥
ସନ୍ତୁଷ୍ଟ ହୋଇ ପଞ୍ଚାନନ । କଲେ ସେ ବୃଷଭେ ବାହନ ॥
ଆବର ତାକୁ କଲେ ଧ୍ୱଜ । ତେଣୁ ବୋଲନ୍ତି ବୃଷଧ୍ୱଜ ॥
ପାଳିଲେ ସେ ଯେଣୁ ଗୋଜାତ । ଦେବେ କହନ୍ତି ପଶୁପତ ॥

## ଗୁରୁ ଉବାଚ

ପ୍ରଜା ସୃଷ୍ଟିରେ ପୂର୍ବେ ଜାତ । ଗୋଜାତ ପ୍ରଜା ଜ୍ୟେଷ୍ଠ ଭ୍ରାତ ॥
ଗୋରୁ ଚଳାଏ ପ୍ରଜାବୃତ୍ତି । ଦିଅଇ ଆହାର ସମ୍ପତ୍ତି ॥
ନକେ ଟର୍ଙ୍ଗର ଶିରେ ଯାର । ପଡ଼ିଲା ଆଦ୍ୟ କ୍ଷୀର ଧାର ॥
ସେ ଗୋରୁ ଜଗତ ପାଳନ । ଅତି ପବିତ୍ର ସୁଶୋଭନ ॥
ପ୍ରଜାଗଣର ପ୍ରାଣଦାତା । ସର୍ବ ଶୁଭଦା ଲୋକମାତା ॥
•ତେଣୁ ଗୋ-ଜାତି ସେବା କର । ସୁଖ ଲଭିବେ ନରନାରୀ ॥
ଗୋ-ଜାତି ଜନ୍ମ ବିବରଣେ । ପାଣ୍ଡବେ କଲେ ଯା ବର୍ଣ୍ଣନ ॥
ଆଦରେ ଭୀଷ୍ମ ପିତାମହ । ଯେ ଏହା ପଢେ କରି ସ୍ନେହ ॥
କଳି କଲ୍ମଷୁଁ ଯାଏ ତରି । ଲଭେ ସମ୍ପଦ ସୁତ ଶିରୀ ॥
ଶ୍ରଦ୍ଧାରେ କରେ ଯେ ଗୋଦାନ ଲଭେ ସେ ସ୍ୱର୍ଗେ ଉଚ୍ଚସ୍ଥାନ ॥
ଗୋ-ଜାତି ପ୍ରଜା ଉପକାରେ । ସୃଜିଲେ ଦକ୍ଷ ଏ ସଂସାରେ ॥
ଏ ତତ୍ତ୍ୱ ବୁଝି ପ୍ରଜାଗଣ । ସଯତ୍ନେ କର ଗୋପାଳନ ॥
ହେବ ଅଶେଷ ସୁଖ ହିତ । ପାମର ଗୋପ ଭଣେ ଗୀତ ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ମହାଭାରତାନ୍ତର୍ଗତେ ଆନୁଶାସନକେ
ପର୍ବଣି ଗୋ-ପ୍ରଭାବ କଥନେ ନାମ ପଞ୍ଚମୋଽଧ୍ୟାୟଃ

---

# ଷଷ୍ଠ ଅଧ୍ୟାୟ

## ଶିଷ୍ୟ ଉବାଚ

ଶୁଣି ଗୋ-ଜନ୍ମ ଇତିହାସ । ମନେ ମୋ ପରମ ଉଲ୍ଲାସ ।
ସେ ଧର୍ମସୁତ ବିଚକ୍ଷଣ । ପୁଚ୍ଛିଲେ ଆଉ କା ପ୍ରଶ୍ନ ॥
ଭୀଷ୍ମ ବା କଲେ କି ଉତ୍ତର । କହ ବିସ୍ତାରି ମୁନିବର ॥

## ଗୁରୁ ଉବାଚ

ପ୍ରଣମି ଭୀଷ୍ମ ପାଦେ ବୀର । ପୁଚ୍ଛିଲେ ରାଜା ଯୁଧିଷ୍ଠିର ॥
ଗୋ-ଜାତି ମାହାତ୍ମ୍ୟ ଶ୍ରବଣେ । ଅଛି ଆଗ୍ରହ ମୋର ମନେ ॥
ଗୋ-ଜାତି ଗୌରବ ବଖାଣ । ତୁମେ ତ ସର୍ବ ତତ୍ତ୍ୱ ଜାଣ ॥
ଭୀଷ୍ମ ଅଟନ୍ତି ସର୍ବଜାଣ । କହିଲେ ନାନା ଉପାଖ୍ୟାନ ॥
ନହୁଷ ରାଜା ଇତିବୃତ୍ତ । ଆଦ୍ୟେ ବର୍ଣ୍ଣିଲେ ଗଙ୍ଗାସୁତ ॥
ଗଙ୍ଗା ଯମୁନା ସନ୍ଧିସ୍ଥଳେ । ଚ୍ୟୋବନ ଋଷି ଯୋଗବଳେ ॥
ନିଶ୍ୱାସ ରୋଧି କାଠ ପରି । ଜଳେ ରହିଲେ ତପଶ୍ଚାରୀ ॥
ମାଛ ଧରିବା ଆଶେ ଥରେ । କେଉଟେ ପଶି ନଦୀମାରେ ॥
ଚୌଦିଗେ ବିଛାଇଲେ ଜାଲ । ଗୋଳି କଲେ ସେ ନଦୀ ଝାଲ ॥
ଟାଣି ଆଣିଲେ ଜାଲ କୂଳେ । ମୁନି ଆସିଲେ ମାଛ ତୁଲେ ॥
ଜାଲରେ ଛନ୍ଦି ହୋଇ ତଟେ । ଆଶ୍ଚର୍ଯ୍ୟ ମଣିଲେ କେଉଟେ ॥
ମୁନିଙ୍କି ଦେଖି ଭୟ ପାଇ । ନହୁଷ ରାଜା ପାଶେ ଯାଇ ॥
କେଉଟମାନେ ଜଣାଇଲେ । ରାଜା ଅଇଲେ ନଦୀକୂଳେ ॥
ପ୍ରଣମି ଚ୍ୟୋବନ ଚରଣ । କି ଆଜ୍ଞା କର ତପୋଧନ ॥
ପୁଚ୍ଛନ୍ତେ ଏସନେ ନୃପତି । କହନ୍ତି ସେ ଚ୍ୟୋବନ ଯତି ॥
କେଉଟ ତୋଷି ମାଛ ମୂଲେ । ମାଛଙ୍କୁ ଛାଡ଼ ନଦୀ ଜଳେ ॥
ମୁଁ ମଧ୍ୟ କେଉଟଙ୍କ ଧନ । ମୋ ମୂଲ୍ୟ ଦିଅ ହେ ରାଜନ ॥
ତେବେ ମୁଁ ପାଇବି ମୁକତି । କେଉଟ ହାତୁଁ ନରପତି ॥
ଶୁଣି ସନ୍ତୁଷ୍ଟ ସେ ନରେଶ । ସହସ୍ରେ ସୁବର୍ଣ୍ଣ ଆଦେଶ ॥
କଲେ କେଉଟେ ଦେବା ପାଇଁ । ମୁନି କହନ୍ତି ରାଜା ଚାହିଁ ॥
ଏ ମୂଲ୍ୟ ମୋ ଉଚିତ ନୁହେଁ । ଶତ ସହସ୍ର ରାଜା କହେ ॥
ଲକ୍ଷେ ନୁହଇ ମୋର ମୂଲ୍ୟ । କୋଟିଏ କହନ୍ତି ଭୂପାଳ ॥
କୋଟିଏ ନୁହେଁ ସମ ମୋର । ରାଜାଙ୍କୁ ନ ଦିଶେ ବିଗୁର ॥
ରାଜ୍ୟରୁ ମୋର ଅର୍ଦ୍ଧ ଅଂଶ । ନିଅନ୍ତୁ କୈବର୍ତ୍ତ ତାପସ ॥
ନୁହେଁ ଏ ମୋ ମୂଲ୍ୟ ସମାନ । ଶୁଣିଣ ରାଜା ହତଜ୍ଞାନ ॥
ଏକାଳେ ଋଷି ଗବିଜାତ । ହେଲେ ସେଠାରେ ଉପଗତ ॥

ନହୁଷେ କହିଲେ ବୁଝାଇ । ଚ୍ୟବନ ମୂଲ୍ୟେ ଦିଅ ଗାଇ ॥
ବର୍ଣ୍ଣେ ବ୍ରାହ୍ମଣ ସର୍ବୋତ୍ତମ । ତାଙ୍କର ମୂଲ୍ୟ ନୁହେଁ ଧନ ॥
ଧେନୁ ଉତ୍ତମ ପ୍ରାଣିକୂଳେ । ସେ ଏକା ସମ ବିପ୍ର ତୁଲେ ॥
ତେଣୁ ଚ୍ୟବନ ମୂଲେ ଗାଇ । ଦିଅ ଭୂପତେ ନର ସାଇଁ ॥
ହୋଇ ସନ୍ତୁଷ୍ଟ ସେ ନୃପତି । ପଗୁରେ ମୁନି ଅନୁମତି ॥
ଉଠ ଚ୍ୟବନ ବିପ୍ର ଋଷି । କୈବର୍ତ୍ତେ କରିବି ମୁଁ ଖୁସି ॥
ତୁମ୍ଭର ମୂଲ୍ୟେ ଦେବି ଧେନୁ । ସନ୍ତାପ ଗ୍ଲାଡ଼ ମୁନି ମନୁ ॥
ଚ୍ୟବନ ହେଲେ ହରଷିତ । ରାଜାଙ୍କୁ କହନ୍ତି ଏମନ୍ତ ॥

## ଚ୍ୟବନ ଉବାଚ

ଗୋଧନେ କିଣା ହେଲି ମୁହିଁ । ଗୋଧନ ସମ ଧନ ନାହିଁ ॥
ଗୋ-ଗୁଣ ଶ୍ରବଣ କୀର୍ତ୍ତନ । ଧେନୁ ଦର୍ଶନ ଧେନୁ ଦାନ ॥
ଅଟଇ ସର୍ବ ଶୁଭପ୍ରଦ । ଖଣ୍ଡଇ ଦୁରିତ ବିପଦ ॥
ଲକ୍ଷ୍ମୀ ମିଳଇ ଗୋ-ସେବନେ । ନ ପଶେ ପାପ କଥା ମନେ ॥
ଗୋ-ଜାତି ହେଲେ ସୁପ୍ରସନ୍ନ । ଲୋକଙ୍କୁ ମିଳେ ସୁଖେ ଅନ୍ନ ॥
ଗୋ-ଜାତି ଯଜ୍ଞରେ ପ୍ରଧାନ । କରନ୍ତି ଯେଣୁ ହବି ଦାନ ॥
ସ୍ୱାହା ସ୍ୱଧାଦି ବଷଟ୍‌କାର । ଯଜ୍ଞର ଯେତେ ଉପଚାର ॥
ଗୋ-ଜାତି ଠାରୁ ହୁଏ ଲାଭ । ଅଶେଷ ଗୋ-ଜାତି ପ୍ରଭାବ ॥
ଗୋରୁ ବହନ୍ତି ଦିବ୍ୟ ରସ । ଦେବେ ହୁଅନ୍ତି ଯହିଁ ବଶ ॥
ଗୋ ତନୁଁ ଝରେ କ୍ଷୀରଧାର । ବିଶୁଦ୍ଧ ଅମୃତ ଆହାର ॥
ଗୋ-ଜାତି ସର୍ବ ଲୋକମାତା । ଦେବତା ମାନବେ ବନ୍ଦିତା ॥
ଗୋ-ଜାତି ନିଜ ତନୁ ତେଜେ । ଅନଳ ସମାନ ବିରାଜେ ॥
ଯହିଁ ଗୋକୁଳ କରେ ବାସ । ନିର୍ଭୟେ ମାରଇ ନିଶ୍ୱାସ ॥
ଅତି ପବିତ୍ର ସେହି ସ୍ଥାନ । ହରଇ ଜନ ପାପମାନ ॥
ଆଦରେ ପୂଜିଲେ ଗୋଜାତି । ପାଏ ମାନବ ସ୍ୱର୍ଗଗତି ॥
ପୂରଇ ସକଳ କାମନା - । କଲେ ଗୋ-ପାଳନ ଅର୍ଚ୍ଚନା ॥
ସ୍ୱର୍ଗକୁ ପାହାଚ ପରାଏ । ଗୋ-ଜାତି ଜାଣ ନର ରାଏ ॥

ସ୍ୱର୍ଗେ ପୂଜନ୍ତି ଦେବଗଣ । ସାଦରେ ଗୋ-ଜାତି ଚରଣ ॥
ଧେନୁ ସାକ୍ଷାତେ ଦେଖି ରୂପ । ଏ ତଥ୍ୟ ଭଲେ ବୁଝ ନୃପ ॥
ଗୋ-ଜାତି ମାହାତ୍ମ୍ୟ ଅଶେଷ । ମୁଁ କିବା କହିବି ନରେଶ ॥
ମୁନି ବଚନ ଶେଷେ ସର୍ବେ । ବନ୍ଦିଲେ ଚରଣେ ନୀରବେ ॥
କୈବର୍ତ୍ତମାନେ କରଯୋଡ଼ି । କହନ୍ତି ମୁନି ପାଦେ ପଡ଼ି ॥
ହେ ବିପ୍ର କ୍ଷମା କର ଦୋଷ । ଆମ୍ଭେ ସକଳେ ତୁମ୍ଭ ଦାସ ॥
ଗୋ-ଧନେ ନାହିଁ ପ୍ରୟୋଜନ । ଏ ଗୋରୁ ନିଅନ୍ତୁ ଆପଣ ॥
କୈବର୍ତ୍ତିଗଣ କଥା ଶୁଣି । ଅତି ସନ୍ତୁଷ୍ଟ ହେଲେ ମୁନି ॥
ପାଇ ସେ ମୁନି ଶୁଭାଶିଷ । କୈବର୍ତ୍ତେ ଗଲେ ସ୍ୱର୍ଗଦେଶ ॥
ଜାଲରେ ଯେତେ ମାଛ ଥିଲେ । ସେ ସର୍ବେ ମଧ୍ୟ ସ୍ୱର୍ଗ ଗଲେ ॥
ନହୁଷ ମୁନି ଆଶୀର୍ବାଦେ । ସାମ୍ରାଜ୍ୟ କଲେ ଅପମାଦେ ॥

ଗୁରୁ ଉବାଚ

ଗୋ-ଜାତି ମାହାତ୍ମ୍ୟ ବର୍ଣ୍ଣନ । କଲେ ଯା ମହର୍ଷି ଚ୍ୟୋବନ ।
ସଂସାରେ ବୁଝାଅ ଏ ତତ୍ତ୍ୱ । ଗୋ-ଜାତି ଗୌରବ ମହତ୍ତ୍ୱ ।
କୋଟି ସୁବର୍ଣ୍ଣ ରାଜ୍ୟ ଧନ । ନୁହଇ କିଛି ଗୋ ସମାନ ॥
ଗୋରୁ ଦେବତା ବୋଲି ଜାଣି । ପୂଜନ୍ତି ଗୃହେ ଗୃହେ ପ୍ରାଣୀ ॥
ଏଣେ ମିଳଇ ସୁଖ ଘେଣ । କହଇ ଦୀନ ଗୋପ ଦାସ ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ମହାଭାରତାନ୍ତର୍ଗତେ ଆନୁଶାସନକେ ପର୍ବଣି ଚ୍ୟୋବନ ଗୋ-ମାହାତ୍ମ୍ୟ କଥନେ ନାମ ଷଷ୍ଠୋଧ୍ୟାୟଃ ।

---

## ସପ୍ତମ ଅଧ୍ୟାୟ

ଆବର ଗୋଦାନ ପ୍ରସଙ୍ଗ । କହନ୍ତି ଭୀଷ୍ମ ମହାଭାଗ ॥
ଗୋଦାନ ସର୍ବଦାନେ ସାର । ଏଣେ ସନ୍ତୁଷ୍ଟ ଦେବନର ॥
ତପସ୍ୱୀଗଣେ ଧେନୁଶ୍ରେୟ । ସେ ଯେଣୁ ଦିଏ ଘୃତ ପୟ ॥
ଶ୍ରୀ ମହାଦେବ ଉମାପତି । ଗୋଗୋଷ୍ଠେ କରନ୍ତି ବସତି ॥

କରନ୍ତି ତପ ଆଚରଣ । ଗୋଗଣ ମଧ୍ୟେ ପଞ୍ଚାନନ ॥
ଗୋଗଣ ସଦା ବ୍ରହ୍ମଲୋକେ । ବିହାର କରନ୍ତି ବିଶୋକେ ॥
ସେହି ବ୍ରହ୍ମର୍ଷିଗଣ ନିତ । ଗୋପଦେ କରନ୍ତି ପ୍ରଣତ ॥
ମାଗନ୍ତି ଘୃତ ଦୁଗ୍ଧ ଦଧି । ଲଭନ୍ତି ଯେଣେ ସର୍ବସିଦ୍ଧି ॥
ଗୋଚର୍ମ ଅସ୍ଥି ଶୃଙ୍ଗ ବାଳ । ସାଧଇ ଲୋକ ଉପକାର ।
ସହି ବରଷା ଖରା ଶୀତ । ଗୋରୁ ସାଧନ୍ତି ଲୋକ ହିତ ॥
କର୍ମ କରନ୍ତି ଦିନରାତି । ଜଗତ ହିତେ ଗୋରୁଜାତି ॥
କାହିଁ ବା କେବେହେଁ ଗୋଗଣ । ନ କହେ ଆପଣା ଲକ୍ଷଣ ॥
ଭୋଗନ୍ତି ଯେତେ ଦୁଃଖରାଶି । ସହନ୍ତି ଯେସନେ ଉଦାସୀ ॥
ତେଣୁ ଗୋ ବ୍ରହ୍ମଜ୍ଞାନୀ ପ୍ରାଏ । ଅନ୍ତେ ପରମ ପଦ ପାଏ ॥
ଗୋରୁ ବ୍ରାହ୍ମଣ ଏକ ସମ । କହନ୍ତି ବିବେକୀ ଉତ୍ତମ ॥
ଯେ ରନ୍ତିଦେବଙ୍କ କୀରତି । ଗାଏ ଅଦ୍ୟାପି ବସୁମତୀ ॥
ପୂର୍ବେ ସେ କଲେ ମହାଯାଗ । ଦେବେ ଅର୍ପିଲେ ହବିର୍ଭାଗ ॥
ସେ ରନ୍ତିଦେବ ନରପତି । ପଶୁଶ୍ରେ ବଳିଲେ ଗୋ-ଜାତି ॥
ସେ ପଶୁଗଣ ଚର୍ମଚୟେ । ଚରମଣ୍ୱତୀ ନଦୀ ବହେ ॥
ସେ ମହାଯଜ୍ଞେ ଗଲା ନାଶ । ଗୋରୁଜାତିର ପଶୁଦୋଷ ॥
ପଶୁଦୋଷରୁ ହୋଇମୁକ୍ତ । ଗୋ-ଜାତି ଦାନ ଉପଯୁକ୍ତ ॥
ଉତ୍ତମ ସୁଜ୍ଞାନୀ ବ୍ରାହ୍ମଣେ । ତୋଷଇ ଯେହୁ ଧେନୁଦାନେ ॥
ତରେ ସେ ସଂକଳ ଦୁର୍ଗତି । ନ ଭୋଗେ କେବେହେଁ ବିପତ୍ତି ॥
ସହସ୍ରେ ଗୋଦାନ ଯେ କରେ । ମରଣେ ନରକୁ ନସ୍ତରେ ॥
ଏ ଜନ୍ମେ ସଦା ପାଏ ଜୟ । ଜାଣ ହେ ତାତ ନିଃସଂଶୟ ॥
ଅମୃତ ସାକ୍ଷାତେ ଗୋ-କ୍ଷୀର । କହନ୍ତି ଦେବ ସୁନାଶିର ॥
ତେଣୁ ଯେ କରେ ଧେନୁଦାନ । ସେ କରେ ଅମୃତ ପ୍ରଦାନ ॥
ହୋମରେ ଆହୁତି ଯେ ଘୃତ । ଦେବଙ୍କୁ ହୁଏ ସେ ଅମୃତ ॥
ଘୃତରୁ ଯଜ୍ଞେ ଧର୍ମଜାତ । ଦେବତା ତହିଁରେ ତୃପତ ॥
ଗୋଦାନ ହୋମ ଦ୍ରବ୍ୟଦାନ । ତେଣୁ ଏ ଉଭୟ ସମାନ ॥
ବୃଷଭ ଧେନୁ ଗଣପତି । ସାକ୍ଷାତେ ସ୍ୱରଗ ମୂରତି ॥

ତେଣୁ ଯେ ଉତ୍ତମ ବ୍ରାହ୍ମଣେ । ତୋଷଇ ବୃଷଭ ପ୍ରଦାନେ ॥
ସେ ସ୍ୱର୍ଗଲୋକେ ପୂଜାପାଏ । ଇହ ସଂସାରେ ପ୍ରାଣ କ୍ଷୟେ ॥
ଗୋ-ଜାତି ସର୍ବ ପ୍ରାଣୀ ପ୍ରାଣ । ଜାଣ ହେ କୁରୁନରଗଣ ॥
ତେଣୁ ଯେ କରେ ଧେନୁଦାନ । ସେ କରେ ଜୀବନ ପ୍ରଦାନ ॥
ଗୋ ସର୍ବ ଭୂତର ଶରଣ । ତେଣୁ ଯେ କରଇ ଗୋଦାନ ॥
ହୁଏ ଶରଣ ସର୍ବଭୂତେ । ପାଏ ସେ ଦିବ୍ୟ ଗତି ଅନ୍ତେ ॥
ବଧ ନିମନ୍ତେ ଗୋରୁଦାନ । କଦାପି ନ କରିବ ଜନ ॥
ନୃଶଂସ ନିର୍ଦ୍ଦୟ ଘାତୁକେ । କି ଅବା ପାଷଣ୍ଡ ନାସ୍ତିକେ ॥
କେବେହେଁ ଗୋରୁ ଦେବ ନାହିଁ । ଦେଲେ ନରକେ ଗତି ପାଇ ॥
ଅଥବା ଗୋ-ଜୀବିକା ଯାର । ଗୋରୁ ନ ଦେବ ତାକୁ ନର ॥
ନ ମାନି ମହର୍ଷି ବଚନ । ଏ ଲୋକମାନଙ୍କୁ ଯେ ଜନ ॥
ଦିଏ ବା ବିକେ ଧନ ଲଭେ । ପଡ଼େ ସେ ଅକ୍ଷୟ ରୌରବେ ॥
ନାଂଙ୍ଗ ମରଛି ରୋଗା ଗାଈ । ଦାନରେ ଦେବା ନ ଯୋଗାଇ ॥
ଯେ ଗାଈ ଅଜାତ୍ଥ ବା କ୍ଷୀଣ । କି ଅବା ଯେହୁ ଅଙ୍ଗହୀନ ॥
ସେ ଗାଈ ନ କରିବ ଦାନ । ସେପରି ଦାନ ଅକାରଣ ॥
ଦଶ ସହସ୍ର ଧେନୁଦାନ । ଯଥାବିଧିରେ କଲେ ଜନ ॥
ଇନ୍ଦ୍ର ସଙ୍ଗରେ ସେ ସ୍ୱର୍ଗରେ । ପ୍ରାଣାନ୍ତେ ପ୍ରମୋଦେ ବିହରେ ॥
ଯେ କରେ ଲକ୍ଷେ ଧେନୁଦାନ । ଲଭେ ଅକ୍ଷୟ ସ୍ୱର୍ଗେ ସ୍ଥାନ ॥
ଗୋଦାନେ ମିଳେ ଯେ ସୁକୃତ । ଦେବେ ତହିଁରେ କୃତକୃତ୍ୟ ॥
ଗୋଦାନ ମାହାତ୍ମ୍ୟ ଏପରି । ସେ ଧର୍ମସୁତ ଦଣ୍ଡଧାରୀ ॥
ଶୁଣି ହୋଇଲେ ତୁଷ୍ଟ ଅତି । ଦିଅ ହେ ଜନେ ଏଣେ ମତି ॥
ତୁହି ଗୋ-ଜାତି ଉପକାର । ପାଳିବ ତାଙ୍କୁ ନିରନ୍ତର ॥
ସୁପାତ୍ର ଦେଖି ଶୁଦ୍ଧଚିତ୍ତେ । ଦିଅ ଆପଣ ଶକ୍ତିମତେ ॥
ଲଭିବ ଅଶେଷ କଲ୍ୟାଣ । କହଇ ଗୋପ ଅକିଞ୍ଚନ ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟ ମହାଭାରତାନ୍ତର୍ଗତେ ଆନୁଶାସନିକେ ପର୍ବଣି ଭୀଷ୍ମ ଗୋଦାନ ଫଳ କଥନେ ନାମ ସପ୍ତମୋଽଧ୍ୟାୟଃ ।

-୧୦ଃ—

# ଅଷ୍ଟମ ଅଧ୍ୟାୟ

## ଯୁଧିଷ୍ଠିର ଉବାଚ

ହେ ଭୀଷ୍ମ କୁରୁ ପିତାମହ | ଦୟା ବହିଣ ମତେ କହ ||
ଛତ୍ରିୟ ଦିଏ ଭୂମିଦାନ | ବ୍ରାହ୍ମଣ କରେ ତା ଗ୍ରହଣ ||
ଏପର ଅଛି କେଉଁ ଦାନ | ଦେଇପାରେ ଯା ସର୍ବ ବର୍ଣ୍ଣ ||
ବେଦେ ଯେ ଦାନର ପ୍ରଶଂସା | ସଦୟେ କହ ମହାଯଶା ||

## ଭୀଷ୍ମ ଉବାଚ

ଗୋ-ବିଦ୍ୟା-ଭୂମି ତିନି ଦାନ | ଫଳରେ ଅଟନ୍ତି ସମାନ ||
ଦେଲେ ଏ ଦାନ ଯଥାବିଧି | ହୁଏ ସକଳ ଫଳସିଦ୍ଧି ||
ଏ ତିନି ମଧ୍ୟରେ ଗୋ-ଦାନ | ପ୍ରଶଂସେ ଜନସାଧାରଣ ||
ଗୋ-ଦାନେ ସଦ୍ୟ ଫଳ ଲଭ | ସେ ପୁଣି ଅଧିକ ସୁଲଭ ||
ଗୋରୁ ସକଳ ଭୂତମାତା | ସକଳ ଜନହିତଦାତା ||
ଯେ ନର ବାଞ୍ଛେ ସୁଖବୃଦ୍ଧି | ସେ ନିତ୍ୟ ହୋଇ ସ୍ଥିରବୁଦ୍ଧି ||
କରିବ ଧେନୁ ପ୍ରଦକ୍ଷିଣ | ହେବ ତା କାମନା ପୂରଣ ||
ଉଦ୍ଧତେ ପକାଇ ଚରଣ | ଗୋଗୋଷ୍ଠେ ନ ଚଳିବ ଜନ ||
ଗୋସ୍ଥାନ ଦେବସ୍ଥଳୀ ସମ | ଗୋ-ଜାତି ଦେବତା ପ୍ରଥମ ||
ଯଜ୍ଞାର୍ଥେ ଗୋରୁ ପ୍ରୟୋଜନ | କରନ୍ତି ଭୂମି କରଷଣ ||
ଭୂମି କର୍ଷଣେ ଅନ୍ନଲଭ | ତେଣେ ବଞ୍ଚନ୍ତି ସର୍ବ ଜୀବ ||
ଯଜ୍ଞରେ ସନ୍ତୁଷ୍ଟ ଦେବତା | ଏଣୁ ଗୋ ସର୍ବ ଶୁଭଦାତା ||
ରଖିବ ଗୋରୁଙ୍କୁ ଯତନେ | ନିର୍ମଳ ସୁକୋମଳ ସ୍ଥାନେ ||
ଦଉଡ଼ାଇବ ନାହିଁ କେବେ | ଯହିଁରେ ଧଇଁସଇଁ ହେବେ ||
ଗୋରୁଙ୍କୁ ନ ରଖିବ ଶୋଷେ | କିବା କଠିନ ଭୂଇଁ ଦେଶେ ||
ତୃଷା ଆତୁର ହୋଇ ଗାଈ | ଯାହା ଆଡ଼କୁ ଦିଏ ଚାହିଁ ||
ସେ ଯେବେ ନ ହରେ ତା ଶୋଷ | ସର୍ବଶେ ଯାଏ ନଷ୍ଟେ ନାଶ ||
ବାସଭବନ ଶ୍ରାଦ୍ଧସ୍ଥାନ | ଆବର ଦେବ ଆୟତନ ||

ହୁଅଇ ଶୁଦ୍ଧ ଯାର ମଳେ । ତା ତହୁଁ କେ ଶୁଦ୍ଧ ଭୂତଳେ ॥
ନ କର କେହ୍ନେହେଁ ଗରାସ । ଗୋରୁକୁ ଦିଅଇ ଯେ ଘାସ ॥
ପ୍ରତ୍ୟହ ପାଳଇ ନିଯୃତ । ବରଷେ ଯାଏ ଏହି ବ୍ରତ ॥
ଲଭଇ ପୁତ୍ର ଧନ ଯଶ । ସର୍ବ ଅଶୁଭ ଯାଏ ନାଶ ॥
ଦୁଃସ୍ୱପ୍ନ କେବେ ସେ ନ ଦେଖେ । ସର୍ବଂଶେ ସଦା ରହେ ସୁଖେ ॥

## ଯୁଧିଷ୍ଠିର ଉବାଚ

କି ଭଳି ଜନେ ଧେନୁଦାନ । କରିବା ଶାସ୍ତ୍ରର ପ୍ରମାଣ ॥

## ଭୀଷ୍ମ ଉବାଚ

ଅସାଧୁ ସ୍ୱଭାବ ଯେ ନର । ଯେ କରେ ପାପିଷ୍ଠ ଆଗ୍ରହ ॥
ଯେ ଲୋଭୀ କବା ମିଛ କହେ । ଗୋ-ଦାନ ନେବା ଯୋଗ୍ୟନୁହେ ॥
ଶୁଦ୍ଧ ଯାହାର ଆଚରଣ । ଯେ ସାଧେ ଅପର କଲ୍ୟାଣ ॥
ସକଳ ଭୂତେ ପାଟେଞ୍ଚ ହିତ । ଦାନର ପାତ୍ର ସେ ବିହିତ ॥
ତାଙ୍କର ଧର୍ମ କର୍ମବଳ । ସାଧଇ ଦାତାର ମଙ୍ଗଳ ॥
ପାତ୍ର ନ ଦେଖି ଦେଲେ ଦାନ । ଯାଏ ସେ ମାତ୍ର ଅକାରଣ ॥
ଅପାତ୍ରେ ଯେ ଦାନ ପ୍ରଦତ୍ତ । ଫଳେ ସେ ଫଳ ବିପରୀତ ॥

## ଗୁରୁ ଉବାଚ

ସେ ଭୀଷ୍ମ ଜ୍ଞାନୀ ମହାବୁଦ୍ଧି । ଧେନୁ ପ୍ରଦାନ ନାନାବିଧି ॥
ଗୋ-ଜାତି ମାହାତ୍ମ୍ୟ ବିଶେଷ । ବୁଝାଇ ଦେଲେ ଉପଦେଶ ॥
ସେ ଉପଦେଶ ମାନି ଜନେ । ଲାଗନ୍ତୁ ସଦା ଗୋ-ପାଳନେ ॥
କରନ୍ତୁ ଗୋ-ପାଳନ ଶିକ୍ଷା । ଦୀନ ଗୋପର ଏହି ଭିକ୍ଷା ॥
ଏଣେ ମିଳିବ ସର୍ବସିଦ୍ଧି । ହୋଇବ ଧନଜନ ବୃଦ୍ଧି ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ମହାଭାରତାନ୍ତର୍ଗତେ ଆନୁଶାସନିକେ ପର୍ବଣି
ଗୋଦାନପାତ୍ରଗୁଣବର୍ଣ୍ଣନେ ନାମ ଅଷ୍ଟମୋଽଧ୍ୟାୟଃ ।

# ନବମ ଅଧ୍ୟାୟ

## ଧୌମ୍ୟ ଉବାଚ

ଯେ କରେ ଗୋଧନ ହରଣ । ତାହାର ଗତି ଏବେ ଶୁଣ ॥
ଗୋ-ଧନ ଅପହାରୀ ନର । ନରକେ ପଡ଼େ ଯୁଧିଷ୍ଠିର ॥
ଥିଲେ ବା ପୂର୍ବର ସୁକୃତ । ପଛେ ନରକୁ ହୁଏ ମୁକ୍ତ ॥
ଶୁଣ କହୁଛି ଇତିବୃତ୍ତ । ନୃପତି ନୃଗଙ୍କ ଚରିତ ॥
ହେଲେ ସେ ରାଜା ବଡ଼ ଦାନୀ । ବେଦପୁରାଣେ ମହାଜ୍ଞାନୀ ॥
ତାଙ୍କର ଘଟିଲା ଯେ ଗତି । ଜାଣନ୍ତି କୃଷ୍ଣ ଯଦୁପତି ॥
ଦ୍ୱାରକାପୁର ନରନାରୀ । ଅଜଣା ନୁହଇ କାହାରି ॥
ଅତି ପ୍ରାଚୀନ ଏକ କୂପ । ଦ୍ୱାରକାପୁରେ ଥିଲା ନୃପ ॥
ଆବଦ୍ଧ ଥିଲା ବହୁ ଦିନୁଁ । ଲୋକଙ୍କ ବ୍ୟବହାର ବିନୁ ॥
ବହୁତ ଘାସ ଗଛ ଲଇ । ଥିଲା ସେ କୂପକୁ ଘୋଡ଼ାଇ ॥
ସେଠାର ଲୋକଙ୍କ ବିଚାର । କୂଅକୁ କରିବେ ସଂସ୍କାର ॥
କାଟିଲେ ଗଛ ଲତା ଘାସ । କୂପେ ଦେଖିଲେ କୃକଳାସ ॥
କୃକଳାସକୁ କୂପୁଁ କାଢ଼ି । ଆଣିବା ଲାଗି ଠେଙ୍ଗାବାଡ଼ି ॥
ହେଲା ବହୁତ ଆୟୋଜନ । ନଗ୍ରୁଁ ଆସିଲେ ବହୁ ଜନ ॥
କଲେ ସେ ସକଳେ ପ୍ରୟାସ । କୂପୁଁ ନ ଆସେ କୃକଳାସ ॥
ଆବର ମିଶିଲେ ବହୁତ । ଟାଣନ୍ତି ଯେଝା ଶକ୍ତିମତ ॥
ଲାଗିଲା ବହୁତ ଦଉଡ଼ି । ତଥାପି ନ ପାରିଲେ କାଢ଼ି ॥
ପରେ ସେ ନଗର ଜନତା । କୃଷ୍ଣଙ୍କୁ ଦେଲେ ଏ ବାରତା ॥
ଶ୍ରୀକୃଷ୍ଣ ଆସି କୃକଳାସେ । ହାତ ଲଗାନ୍ତେ ଅନାୟାସେ ॥
କୂଅରୁ ହେଲା ସେ ବାହାର । ଅତି ସୁନ୍ଦର କଳେବର ॥
ଲଗାଇ କୃଷ୍ଣପଦେ ମଥା । କହିଲା ତାର ପୂର୍ବକଥା ॥
ଥିଲି ମୁଁ ପୂର୍ବେ ନୃଗରାଜା । ଲୋକେ ପାଇଲେ ବହୁ ପୂଜା ॥
କଲି ବହୁତ ଦାନପୁଣ୍ୟ । ସର୍ବେ ବୋଇଲେ ଧନ୍ୟ ଧନ୍ୟ ॥
ଏକଦା ଏକ ବିପ୍ର ଗାଈ । ପଶିଲା ଗୋଗୋଷ୍ଠେ ପଳାଇ ॥

ରଣ ପୂର୍ବେ ଏକ ଦ୍ୱିଜ | କଲି ସହସ୍ରେ ଧେନୁ ଦାନ ||
ହ୍ନି ନ ପାରି ଭ୍ରମବଶେ | ଗୋପାଳ ଗଣିଲା ସହସ୍ରେ ||
ମିଶାଇ ସେ ବିପ୍ର ଗାଈକି | ମୁଁ ତାହା ଦାନେ ଦେଲି ଟେକି ||
ଯେ ବିପ୍ର ଗଲା ଦାନ ନେଇ | ତା ଘରେ ଦେଖି ନିଜ ଗାଈ ||
ଗୃହରେ ଗାଈ ଅଧିକାରୀ | ପାଇଲ ଏ ଗାଈ କପରି ||
ଏ ମୋର ଗାଈ ଦିଅ ମୋତେ | କହ ନା ପାଇଲ କେମନ୍ତେ ||
ଯେ ବିପ୍ର ନେଇଥିଲା ଦାନ | ଦେଲା ସେ ଆପଣା ପ୍ରମାଣ ||
ସ ବେନି ବିପ୍ର ମୋର ପାଶେ | ପ୍ରବେଶ ହେଲେ ଅତି ରୋଷେ ||
ଯତି ଗ୍ରାହକ ବିପ୍ରେ ମୁହିଁ | କହିଲି ଅନେକ ବୁଝାଇ ||
ଆଉ ସହସ୍ରେ ଗାଈ ନିଅ | ଏ ବିପ୍ର ଗାଈକି ଫେରାଅ ||
ଲେ ନାହିଁ ସେ ସ୍ୱୀକାର | ବୋଲେ ତୋ ଦାନ ତୁହି ଧର ||
ସେ ଧେନୁ ଅଧିକାରୀ ଦ୍ୱିଜେ | କହିଲି ପୁଣି ଭୟ ଲଜେ ||
ମା ଗୋଷ୍ଠପାଳର ଏ ଭ୍ରମ | ହେ ବିପ୍ର ମୋର ଦୋଷ କ୍ଷମ ||
ସହସ୍ରେ ଅବା ଲକ୍ଷେ ଗାଈ | ଦେବି ଏ ଗୋଟିକର ପାଇଁ ||
ଘେନ ମୋର ଅପରାଧ | କ୍ଷମା କର ଏ ପରମାଦ ||
ଣିଲେ ନାହିଁ ସେ ବ୍ରାହ୍ମଣ | କହିଲେ ନ ନେବି ମୁଁ ଆନ ||
ମାତ ଲକ୍ଷେ କା ପ୍ରୟୋଜନ | ମୋ ଗାଈ ଦିଅ ହେ ରାଜନ ||
ତି ମୁଁ ଉଭୟ ସଂକଟେ | ମରଣ ଭେଟିଲି ନିକଟେ ||
କି ମୁଁ ଯେବେ ଯମପୁର | ପାଇଲି ବହୁତ ଆଦର ||
ମ କହିଲେ ନୃପରାଜ | ସାଧିଛ ବହୁ ପୁଣ୍ୟ କାର୍ଯ୍ୟ ||
ଗୋଷ୍ଠପାଳର ଭ୍ରମବଶେ | ପଡ଼ିଛ ଏକମାତ୍ର ଦୋଷେ ||
ହୋଇଛ ଧେନୁ ଅପହାରୀ | ପ୍ରଦାନ କଲ ନ ବିଚାରି ||
ପାପ ଫଳରେ ଯେ ଗତି | କେବେ ଭୋଗିବ ନରପତି ||
ପର ଫଳ ଗଲେ କ୍ଷୟ | ଲଭିବ ସମ୍ଭୋଗ ଅକ୍ଷୟ ||
ଗେ ବା ପଛେ ପାପ ଭୋଗ | ବିଚାରି କହ ରାଜା ନୃଗ ||
ପର ଫଳ ଦିଅ ଅଗ୍ରେ | ଶୁଣି ମୋ ତହୁଁ ଯମ ବ୍ୟଗ୍ରେ ||
ହିଲେ ହୁଅ କୃକଳାସ | ଦ୍ୱାରକା କୂପେ କର ବାସ ||

ଚହ ସହସ୍ରେ ବର୍ଷ କାଳ । ଏହା ତୁମ୍ଭର ପାପଫଳ ॥
ଶ୍ରୀକୃଷ୍ଣ ବସୁଦେବ ସୁତ । ସ୍ପର୍ଶିଲେ ତୁମ୍ଭେ ହେବ ପୂତ ॥
ପୁଣି ଆସିବ ସ୍ୱର୍ଗପୁର । ଲଭିବ ସମ୍ଭୋଗ ଅପାର ॥
ତବ ପରଶେ ଯଦୁପତି । ପାଇଲି ମୁଁ ଆଜ ମୁକତି ॥
ନମିଲେ ନୃଗ କୃଷ୍ଣପଦେ । ସ୍ୱର୍ଗେ ଚଳିଲେ ମହାନନ୍ଦେ ॥

## ଗୁରୁ ଉବାଚ

ଶୁଣିଲ ଏ ପୁଣ୍ୟ ପୁରାବୃତ୍ତ । ପାଣ୍ଡୁନନ୍ଦନ କୃତକୃତ୍ୟ ॥
ନ ଜାଣି ଗୋରୁଚୋର ଦୋଷେ । ଭୋଗିଲେ ବରଷ ସହସ୍ରେ ॥
ସେ ନୃଗ ଧାର୍ମିକ ରାଜନ । ହୁଅ ହେ ଜନେ ସାବଧାନ ॥
ନ ରଖ କେବେ ଅନ୍ୟ ଗାଈ । ଜାଣି ବା ନ ଆଣ ଚୋରାଇ ॥
ଗୋ ଅପହରଣେ ଯେ ଦୋଷ । ନୁହଇ ଚିରକାଳେ ଶେଷ ॥
ଇହ ସଂସାରେ କାରାବାସ । ଲୋକେ ହୁଅଇ ଅପଯଶ ॥
ମରଣେ ଦଣ୍ଡ ଯମଦ୍ୱାରେ । ନରକ ଯନ୍ତ୍ରଣା ନ ସରେ ॥
ହେ ଶିଷ୍ୟ ତୁମ୍ଭେ ଏଥୁଁ ଯାଇ । ଲୋକଙ୍କୁ କହିବ ବୁଝାଇ ॥
ନ କର କେହି ଗୋରୁ ଚୋରି । କିବା ଗୋପନେ ଅପହରି ॥
ଗୋରୁଙ୍କୁ ବିକ୍ରୟ ନ କର । ଏ ପାପ ଅତି ଭୟଙ୍କର ॥
ଲୋଭରେ କରି ଯେ କରିବ । ଅଳପ ଦିନେ ସେ ମରିବ ॥
ହୁଅ ହେ ଜନେ ସାବଧାନ । ନ ହର କାହାର ଗୋଧନ ॥
ଗୋପ କହଇ ବାରବାର । ଏ କଥା ସର୍ବେ ହେତୁ କର ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ମହାଭାରତାନ୍ତର୍ଗତେ ଆନୁଶାସନିକେ ପର୍ବଣି ଗୋ-ହରଣ ପାପ କଥନେ ନାମ ନବମୋଽଧ୍ୟାୟଃ ।

---

# ଦଶମ ଅଧ୍ୟାୟ

## ଶିଷ୍ୟ ଉବାଚ

ଭୋ ମୁନି କର ଅନୁଗ୍ରହ । ଆବର ଗୋ-ମାହାତ୍ମ୍ୟ କହ ॥
ଭୀଷ୍ମ କହିଲେ ଧର୍ମସୁତେ । ଗୋ-ଦାନେ ପୁଣ୍ୟ ହୁଏ ଯେତେ ॥

ଗୋ-ଜାତି ମାହାତ୍ମ୍ୟ ଅପାର । ଗୋ ଅପହାରେ ପାପ ଘୋର ॥
ମାତ୍ର କହ ହେ ଗୁରୁଦେବ । କରିଛ କିଏ ଅନୁଭବ ॥
କେ ଅବା ଦେଖିଛ ନୟନେ । ମିଳେ ଯେ ସ୍ୱର୍ଗ ଧେନୁ ଦାନେ ॥
ପ୍ରତ୍ୟକ୍ଷ ପ୍ରମାଣ ପ୍ରକାଶ । ଜନ୍ମିବ ଯହିଁରେ ବିଶ୍ୱାସ ॥

## ଗୁରୁ ଉବାଚ

ତୁମ୍ଭ ଏ ପ୍ରଶ୍ନର ଉତ୍ତର । ଦେଇଅଛନ୍ତି ଭୀଷ୍ମ ବୀର ॥
ବୈଦିକ ଯୁଗର କାହାଣୀ । ଯାହା କହିଲେ ଭୀଷ୍ମ ଜ୍ଞାନୀ ॥
ଶୁଣ ଏବେ ସେ ଇତିହାସ । ତୁଟିବ ମନୁ ଅବିଶ୍ୱାସ ॥
ଥିଲେ ପୂରୁବେ ଉଦ୍ଦାଳକ । ଋଷି ସୁଜ୍ଞାନୀ ସୁବିବେକ ॥
ପୁତ୍ର ତାଙ୍କର ବିଶ୍ୱଜିତ । ସକଳ ଲୋକରେ ବିଦିତ ॥
କଲେ ସେ ଯଜ୍ଞ ଅନୁଷ୍ଠାନ । ଦେଲେ ବହୁତ ଧେନୁଦାନ ॥
ତାଙ୍କର ପୁତ୍ର ନଚିକେତ । ଗୋ-ଦାନ କାଳେ ଉପଗତ ॥
ପିତାଙ୍କୁ ପଚାରେ ନନ୍ଦନ । ମତେ କାହାକୁ ଦେବ ଦାନ ॥
କର୍ମରେ ଥିବାରୁ ନିଯୁକ୍ତ । ବିରକ୍ତ ହେଲେ ବିଶ୍ୱଜିତ ॥
କହିଲେ ତତେ ଦେବି ଯମେ । କହନ୍ତେ ଏହା ମତିଭ୍ରମେ ॥
ସେ ପୁତ୍ର ଗଲା ଯମପୁର । ରହିଲା ନିର୍ଜୀବ ଶରୀର ॥
ପଡ଼ିଲା ଶବ ଯଜ୍ଞସ୍ଥାନେ । ପୁଣି ତିନି କି ଚାରିଦିନେ ॥
ବାହୁଡ଼ି ଆସିଲା ନନ୍ଦନ । ହେଲା ସେ ଶବ ସଚେତନ ॥
ପୁତ୍ର ନମିଲା ପିତାପଦେ । ଆନନ୍ଦେ ଭକ୍ତି ଗଦଗଦେ ॥
ସକଳେ ଦେଖି ଆଚମ୍ବିତ । ପିତା ହୋଇଲେ ହରଷିତ ॥
ଦରିଦ୍ର ଯେହ୍ନେ ହରା ବିତ୍ତ । ପାଇଣ ହୁଅଇ ଉନ୍ମତ୍ତ ॥
ପିତା ହୋଇଲେ ଧନ୍ୟ ଧନ୍ୟ । କହିଲେ ମୋର ବହୁ ପୁଣ୍ୟ ॥
କହନ୍ତି ପୁତ୍ରେ ପରଶଂସି । ତୁ ନୋହୁ ବାବୁ ମର୍ତ୍ତ୍ୟବାସୀ ॥
ନବ ଜନମ ଦୈବ ବଳେ । ପାଇଲୁ ନିଜ କର୍ମଫଳେ ॥
କହ ତନୟ ଫେଡ଼ି ମୋରେ । କିସ ଦେଖିଲୁ ମୃତ୍ୟୁପୁରେ ॥
କିପରି କର୍ମଫଳ ନରେ । ଭୁଞ୍ଜନ୍ତି ଯାଇ ଯମପୁରେ ॥

ପିତା ବଚନେ ଯୋଡ଼ି କର । ସେ ପୁତ୍ର କହଇ ଉତ୍ତର ॥
ହେ ପିତା, ଅନ୍ୟ ଋଷିଗଣେ । ଯାହା ମୁଁ ଦେଖିଲି ନୟନେ ॥
ଏଠାରୁ ଯାଇ ଯମପୁର । ଅତି ଆଶ୍ଚର୍ଯ୍ୟ ଚମତ୍କାର ॥
ମତେ ଦେଖିଣ ଜନ୍ତୁଗଣ । କଲେ ବହୁତ ସନମାନ ॥
କହିଲି ତାଙ୍କ ସବନସ୍ଥେ । ସଦସ୍ୟ ହୁଅ ଯମସ୍ଥେ ॥
ଆସିଛୁ ତବ ସନ୍ନିଧାନ । ଆଦେଶ ମୋ ବାହୁଡ଼ ସ୍ଥାନ ॥
ଯମ କହିଲେ ଯାଅ ଫେର । ତୁମ୍ଭ ଆୟୁଷ ନାହିଁ ପୂର ॥
ପିତା ଆଦେଶେ ଯମପୁର । ଦେଖିଛ ଏବେ ଯାଅ ଘର ॥
ସେ ଋଷି ଅନଳ ସମାନ । କଲେ ଯା ମୁଖେ ଉଚ୍ଚାରଣ ॥
ଅନ୍ୟଥା ନୁହେ ସେ ବଚନ । ତେଣୁ ଆସିଛ ମୋ ଭବନ ॥
ତୁମ୍ଭଙ୍କୁ ନ ଦେଖି ପିଅର । ଶୋକରେ ଅଛନ୍ତି କାତର ॥
ତ୍ୱରିତେ ଯାଅ ମର୍ତ୍ତ୍ୟପୁରେ । ପ୍ରଣମି ପିତାଙ୍କ ଛାମୁରେ ॥
ଆପଣ ଅତିଥି ମୋ ଦ୍ୱାରେ । ପୂଜିବି ମୁଁ କି ଉପହାରେ ॥
ଯେ ବର ତୁମ୍ଭ ଇଚ୍ଛା ମାଗ । ଦେବି ମୁଁ ଏବେ ମହାଭାଗ ॥
ଯମର ଶୁଣି ଏ ଉକତ । କହିଲି ଦେବ ଜନ୍ତୁପତ ॥
ପିତୃ ଆଦେଶେ ଏତେ ଦୂରେ । ଆସିଛୁ ମୁହିଁ ତବ ପୁରେ ॥
ଏଠାକୁ ଆସି କେହି ପ୍ରାଣୀ । ନ ଫେରେ ମର୍ତ୍ତ୍ୟପୁରେ ପୁଣି ॥
ଯହିଁ ସୁକୃତବନ୍ତ ନରେ । ବସନ୍ତି ଆସିଣ ଏ ପୁରେ ॥
ସୁକୃତ ଫଳେ ଯେ ଯେ ଲୋକେ । ବସନ୍ତି କର୍ମିକେ ବିଶୋକେ ॥
ସେସବୁ ମୋତେ ଦୟା କରି । ଦେଖାଅ ଯମ ଦଣ୍ଡଧାରୀ ॥
ତହୁଁ ସେ ଯମ ଦିବ୍ୟଯାନେ । ବସାଇ ମତେ ନାନାସ୍ଥାନେ ॥
ଦେଖାଇ ବୁଲାଇଲେ ପୁର । ଅତି ଅଦ୍ଭୁତ ମନୋହର ॥
ସୁଦିବ୍ୟ ଗୃହୁ ନିକେତନ । ଅତି ବିଚିତ୍ର ସୁଗଠନ ॥
ଶୋଭିତ ଅଶେଷ ରତନେ । ଖଚିତ ଅପୂର୍ବ ଯତନେ ॥
ଶୁଭ୍ର ଶରଦ ଚନ୍ଦ୍ର ସମ । ରୂପ ଗାମ୍ଭୀର୍ଯ୍ୟେ ମନୋରମ ॥
ଅତି ପ୍ରଶସ୍ତ ଉଚ୍ଚ ପୁର । ବାଜେ କଙ୍କିଣି ନୂପୁର ॥
ଅଟ୍ଟାଳି ଉପରେ ଅଟ୍ଟାଳି । ଉଠିଛୁ ଊର୍ଦ୍ଧ୍ୱେ ନୁହେଁ କଳି ॥

ପୁର ମଧ୍ୟରେ ଶୋଭାବନ । ସରତ ଶଇଳ କାନନ ॥
ବହଇ ସୁନିର୍ମଳ ନୀର । ବିରାଜେ କାହିଁ ସରୋବର ॥
ସୁବର୍ଣ୍ଣ ରଜତେ ଜଡ଼ିତ । ଶୋଭେ ତୋରଣ ଶତ ଶତ ॥
ସେ ପୁରେ ଯେତେ ବସ୍ତୁଚୟ । ରହେ ଉଜ୍ଜ୍ୱଳ ପ୍ରଭାମୟ ॥
ବାଳାର୍କ କନକ ବରଣେ । ରଞ୍ଜିତ ଦିଗନ୍ତ ଯେସନେ ॥
ସୂକ୍ଷ୍ମ କୋମଳ ସୁବସନ । ମଣ୍ଡିଚ୍ଛି ବିବିଧ ଆସନ ॥
ବିବିଧ ରସ ଭକ୍ଷ ଭୋଜେ । ଶଇଳ ଶିଖର ବିରାଜେ ॥
ଲତା ପାଦପେ ପାଏ ଶୋଭା । ରସାଳଫଳ ମନଲୋଭା ॥
ସୁଗନ୍ଧ ସୁନ୍ଦର ସୁମନ । ଫୁଟଇ ନିତ ଅଗଣନ ॥
ବହଇ ଦୁଗ୍ଧ ଦଧି ଧାର । କେ ସଂଖ୍ୟା କରିବ ତାହାର ॥
ପଥେ ଚଳଇ ନାନା ଯାନ । ସୁନ୍ଦର ସ୍ୟନ୍ଦନ ବିମାନ ॥
ସୁରଭି ଶୀତଳ ସମୀର । ବହେ ସେ ପୁରେ ନିରନ୍ତର ॥
ନ ଲାଗେ ତହିଁ ଦେହେ କ୍ଲାନ୍ତ । ପ୍ରକାଶେ ଆରାମ ସୁଶାନ୍ତ ॥
ଦେଖି ସେ ପୁର ଅଦ୍ଭୁତ । ହେଲି ମୁଁ ମନେ କୃତକୃତ୍ୟ ॥
ପୁଚ୍ଛିଲି ତହୁଁ ଯମଦେବେ । ହେ ପ୍ରଭୁ ମୋତେ କହ ଏବେ ॥
ଏ ଯେତେ ସରିତ ନିର୍ଝର । ବହଇ ଯହିଁ ନିରନ୍ତର ॥
ମଧୁର ଦୁଗ୍ଧ ଦଧିଧାର । ପାନୀୟ ବିବିଧ ପ୍ରକାର ॥
ଚିର ସମ ଏ ପୁରପନ୍ତ । ପୂରିଛି ଯହିଁ ସୁଖ ଶାନ୍ତ ॥
ଏସବୁ କାହା ଉପଭୋଗେ । ସଞ୍ଚିତ ଏତେ ଉପଯୋଗେ ॥
ଯମ କହିଲେ ପୁଣ୍ୟଫଳେ । ଭୋଗନ୍ତି ପ୍ରାଣୀ ଏ ସକଳେ ॥
ଗୋ-ସେବା କରଇ ଯେ ନିତ । ଗୋ-ଦାନ କରେ ବହୁ ପ୍ରୀତ ॥
କି ଅବା ଉପଯୁକ୍ତ ଜନେ । ତୋଷଇ ଗୋରସ ଭୋଜନେ ॥
ମୋ ପୁରେ ଆସିଲେ ସେ ନର । କରେ ଏ ସର୍ବ ଅଧିକାର ॥
ବହୁ ସହସ୍ର ବର୍ଷଯାଏ । ସଂଭୋଗେ ଏ ପୁରେ ସେ ରହେ ॥
ଗୋ-ସେବା ଗୋ-ଦାନ ସମାନ । ପୁଣ୍ୟ ସୁକୃତ ନାହିଁ ଆନ ॥
ଶୁଣିଲି ଗୋ-ଦାନେ କି ଫଳ । ସେ ପୁଣି କହିଲେ ସକଳ ॥
ଗୋ-ଦାନ ମାହାତ୍ମ୍ୟ ବିସ୍ତାର । କହିଲେ ଯମ ଦଣ୍ଡଧାରୀ ॥

ଦେଖିସାରି ସେ ଦିବ୍ୟ ପୁର । ନ ଗଲି ମୁଁ ଅଧିକ ଦୂର ॥
ଯମଙ୍କ ଠାରୁଁ ପାଇ ଜ୍ଞାନ । ଆସିଲି ତବ ସନ୍ନିଧାନ ॥
ସେ ଋଷି ଶୁଣି ଏ ସମ୍ବାଦ । ପୁତ୍ରକୁ ଦେଲେ ଧନ୍ୟବାଦ ॥
କଲେ ବହୁତ ଧେନୁଦାନ । ଅନ୍ତେ ଲଭିଲେ ଏହି ସ୍ଥାନ ॥

## ଗୁରୁ ଉବାଚ

ଭୀଷ୍ମଙ୍କ ଠାରୁଁ ଏ ଆଖ୍ୟାନ । ଶୁଣି ସେ ପାଣ୍ଡବ ପ୍ରଧାନ ॥
ହୋଇଲେ ହୃଷ୍ଟ ପୁଲକିତ । ଗୋ-ଦାନେ ବଳାଇଲେ ଚିତ୍ତ ।
ହେ ବ୍ରହ୍ମବୃନ୍ଦ ସତ୍ୟବ୍ରତ । ପ୍ରଭୁର ଏ ପୁଣ୍ୟ ଚରିତ ॥
ଶୁଣନ୍ତୁ ବିଶ୍ୱବାସୀ ଜନ । କରନ୍ତୁ ସଦା ଗୋ-ପାଳନ ॥
ଦିଅନ୍ତୁ ସାଦରେ ଗୋ-ଦାନ । ଗୋପର ଏହି ନିବେଦନ ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ମହାଭାରତାନ୍ତର୍ଗତେ ଆନୁଶାସନିକେ ପର୍ବଣି
ପିତୃ ସମୀପେ ନଚିକେତ ଗୋ-ପ୍ରଦାନ ପ୍ରତ୍ୟକ୍ଷ ଫଳ
ବର୍ଣ୍ଣନେ ନାମ ଦଶମୋଽଧ୍ୟାୟଃ ।

---

# ଏକାଦଶ ଅଧ୍ୟାୟ

ସେ ଯୁଧିଷ୍ଠିର ଧର୍ମସୁତ । ହୋଇଲେ ଅତି ହରଷିତ ॥
ଭୀଷ୍ମଙ୍କୁ କରି ନମସ୍କାର । କହନ୍ତି ବଚନ ମଧୁର ॥

## ଯୁଧିଷ୍ଠିର ଉବାଚ

ଋଷିକୁମାରେ ଯମବାଣୀ । କୃତାର୍ଥ ହୋଇଲି ମୁଁ ଶୁଣି ॥
ଅଜ୍ଞାତ ଅପରାଧ ଲାଗି । ନୃଗ ହୋଇଲେ ଦୁଃଖଭାଗୀ ॥
କିନ୍ତୁ ମୋ ମନେ ପିତାମହ । ତଥାପି ରହୁଛି ସନ୍ଦେହ ॥
ଗୋଲୋକ ପ୍ରତି ମୋ ସଂଶୟ । ତୁଟାଅ ତୁହୁଁ ମହାଶୟ ॥
ଗୋ-ଦାନ ପୁଣ୍ୟ ଫଳେ ନର । ବସନ୍ତି ଯହିଁ ନିରନ୍ତର ॥
ସେ ଲୋକ ତତ୍ତ୍ୱ ସବିସ୍ତର । କହନ୍ତୁ ହେ କୁରୁ ଧନୁର୍ଦ୍ଧର ॥

## ଭୀଷ୍ମ ଉବାଚ

ଶୁଣ ହେ ପୂର୍ବ ଇତିହାସ । ଯେଣେ ତୁଟିବ ଅବିଶ୍ୱାସ ॥
ବ୍ରହ୍ମାଙ୍କୁ ଇନ୍ଦ୍ର ଯେ ବୃତ୍ତାନ୍ତ । ପୁଛିଲେ, କହେଁ ଶୁଣ ତାତ ॥

## ଇନ୍ଦ୍ର ଉବାଚ

ହେ ବ୍ରହ୍ମାଲୋକ ପିତାମହ । ମନେ ମୋ ଲାଗଇ ସନ୍ଦେହ ॥
ଦେଖେଁ ମୁଁ ଗୋଲୋକନିବାସୀ । ନିନ୍ଦଣ ସ୍ୱର୍ଗ ସୁଖରାଶି ॥
ଯାଆନ୍ତି ସ୍ୱର୍ଗଲୋକ ପରେ । ତେଣୁ ସଂଶୟ ମୋ ମନରେ ॥
କାହିଁ ଗୋଲୋକ କି ଆକାର । ଗୋ- ଦାନେ ଯହିଁ ଯାଏ ନର ॥
କି ଗୁଣ କି ଲକ୍ଷଣ ତାର । ମିଳେ ବା ଫଳ କି ପ୍ରକାର ॥
କିପରି ସେ ଲୋକ ପ୍ରାପତି । ତହିଁ ବା କି ପରମ ଗତି ॥
ଏ ସର୍ବ ତତ୍ତ୍ୱ ଭଗବାନ । କେ ଜାଣେ ତୁମ୍ଭ ତହୁଁ ଆନ ॥
କର ମୋଠାରେ ଅନୁଗ୍ରହ । ସଦୟେ ସର୍ବ ତଥ୍ୟ କହ ॥

## ବ୍ରହ୍ମା ଉବାଚ

ହେ ଇନ୍ଦ୍ର, ତୁମ୍ଭେ ବଡ ଧନ୍ୟ । କିଏ ବା ତୁମ୍ଭ ବିନା ଅନ୍ୟ ॥
ପୁଚ୍ଛିବ ଗୋଲୋକ ସମ୍ବାଦ । ତୁମ୍ଭଙ୍କୁ ଶତ ଧନ୍ୟବାଦ ॥
ଅଛି ହେ ଇନ୍ଦ୍ର, ବହୁ ଲୋକ । ଯହିଁ ନ ଲାଗେ ଦୁଃଖଶୋକ ॥
ସେସବୁ ତୁମ୍ଭଙ୍କୁ ଅଜଣା । ଯହିଁ ଅପର ଦେବେ ବଣା ॥
ସେସବୁ ଗୋଚର ମୋହର । ଆବର ପତିବ୍ରତା ନାରୀ ॥
ନ ଜାଣେ ପତିହିଁ ଯେ ଆନ । ସେ ଜାଣେ ସେ ଲୋକ ସଂସ୍ଥାନ ॥
ଯହିଁ ସୁବ୍ରତ ଋଷିଗଣ । କରନ୍ତି ସ୍ୱଦେହେ ଗମନ ॥
ନିର୍ମଳ ମନେ ଯୋଗ ସାଧି । ଯୋଗିଏ ବିରଚି ସମାଧି ॥
ଯାନ୍ତି ଯେ ଲୋକେ ତେଜି ଅଙ୍ଗ । ଶୁଣ ହେ ସେ ଲୋକ ପ୍ରସଙ୍ଗ ॥
କାଳର ତହିଁ ନାହିଁ ଗତି । ପ୍ରକାଶେ ନାହିଁ ଅଗ୍ନି ଜ୍ୟୋତି ॥
ନାହିଁ ଜରାର ଆକ୍ରମଣ । ନାହିଁ କାହୁଁହିଁ ଅକଲ୍ୟାଣ ॥
କି ଅବା ଆଧିବ୍ୟାଧି ଦୋଷ । ନ ଲାଗେ ଯହିଁ ଶ୍ରମକ୍ଲେଶ ॥

ଯେ ଯାହା ବାଞ୍ଛି ହୃଦଗତେ । ସେ ତାହା ଲଭଇ ତୁରତେ ॥
ପଦ୍ମଜ ଗୋଲୋକ-ନିବାସୀ । ଭୁଞ୍ଜନ୍ତି ସର୍ବ ସୁଖରାଶି ॥
କରନ୍ତି ସ୍ୱଚ୍ଛନ୍ଦେ ବିହାର । ଭୋଗନ୍ତି ଐଶ୍ୱର୍ଯ୍ୟ ଅପାର ॥
ଶୋଭଇ ତହିଁ ସରୋବର । ସରିତ ବାପୀ ମନୋହର ॥
ବିବିଧ ବନ ପଲ୍ଲବିତ । ଗୃହ ପର୍ବତ ଅଗଣିତ ॥
ମନୋଜ୍ଞ ଦ୍ରବ୍ୟ ଯେତେ ଯହିଁ । ସକଳ ପୂରିଅଛି ତହିଁ ॥
ଏପରି ବିପୁଳ ବିଭବ । ଅପର ଲୋକେ ଅସମ୍ଭବ ॥
ଗୁରୁବତ୍ସଳ ଶାନ୍ତ ଦାନ୍ତ । ଯେ ଅହଂକାର ବିରହିତ ॥
ଯେ ଜନ ମାତା ପିତା ଭକ୍ତ । ଆଗ୍ରହଶୀଳ ସତ୍ୟଯୁକ୍ତ ॥
କରେ ଯେ ନିତ୍ୟ ଗୋ-ପାଳନ । ଗୋହିତେ ବ୍ୟୟ କରେ ଧନ ॥
ଭୂମି ଯେ ଖଣ୍ଡଇ ଗୋଚରେ । ଏମନ୍ତ ଜନ ଯେବେ ମରେ ॥
ଗୋ-ଲୋକେ ଯାଏ ସେ ସତ୍ୱର । ଭୋଗଇ ସୁଖ ନିରନ୍ତର ॥
ଶୁଣ ହେ ଏବେ ଶଚୀପତି । ଗୋ-ଦାନେ ମିଳଇ ଯେ ଗତି ॥
ଯେ ନିଜ ଧର୍ମାର୍ଜିତ ଧନେ । କିଣିଣ ଧେନୁ ଦିଏ ଦାନେ ॥
ଅକ୍ଷୟ ଲୋକ ତାକୁ ମିଳେ । ଗୋଲୋକେ ବସେ କାଳେକାଳେ ॥
ଯେ ଦାନ ନେଇ ଦିଏ ଦାନ । ତାହାର ସର୍ବ ପରେ ସ୍ଥାନ ॥
ଗୋ-ପ୍ରତି ନ ପାଞ୍ଚେ ଯେ ଦ୍ରୋହ । ଦେଖାଏ ନାନାଭାବେ ସ୍ନେହ ॥
ଜୀବିକା ଶୁଦ୍ଧ ଆଚରଣେ । ଚଳାଏ ନିତ୍ୟ ଗୋ-ପାଳନେ ॥
ଗୋରୁଙ୍କୁ ଦିଏ ଜଳ, ଘାସ । ପାଏ ସେ ଗୋଲୋକେ ନିବାସ ॥
ସହସ୍ରେ ଗୋ-ଦାନର ଫଳ । ଲଭେ ସେ ଲୋକେ ଚିରକାଳ ॥
ଯେ କ୍ଷମାଶୀଳ ଦୟାବନ୍ତ । ଦେବ ବ୍ରାହ୍ମଣ ଅନୁରକ୍ତ ॥
ସେ ଯେବେ ନିର୍ମଳ ଅନ୍ତରେ । ସୁପାତ୍ରେ ଧେନୁ ଦାନ କରେ ॥
ଲଭଇ ରାଜସୂୟ ଫଳ । ଭୋଗଇ ସୁଖ ସୁନିର୍ମଳ ॥
ଯେ ଆଗେ ନ କରି ଭୋଜନ । ଗୋରୁଙ୍କୁ ଦିଏ ଜଳ ତୃଣ ॥
ସର୍ବଦା କହେ ସତ୍ୟ କଥା । ନ ଦିଏ କାହା ମନେ ବ୍ୟଥା ॥
ତା ବାଞ୍ଛା ପୂରେ ବରଷକେ । କେବେ ସେ ନ ପଡ଼ଇ ଶୋକେ ॥
ଦିନ ମଧ୍ୟରେ ଥରେ ଖାଇ । ଧନ ରଖି ଯେ କିଣେ ଗାଈ ॥

ପାଳେ ଯେ ଗାଈକ ଆଦରେ । ସେ ପାଏ ସୁଖ ଏ ସଂସାରେ ॥
ସେ ପୁଣି କଲେ ଧେନୁଦାନ । ଲଭଇ ଅଶେଷ ସୁପୁଣ୍ୟ ॥
ପରଲୋକରେ ପାଏ ଗତି । ଜାଣ ନିଶ୍ଚୟ ଶଚୀପତି ॥
ସେ ଗୋରୁ ଦେହେ ଲୋମ ଯେତେ । ତେତେକ ବର୍ଷ ପର୍ଯ୍ୟନ୍ତେ ॥
ଗୋଲୋକେ କରଇ ବିହାର । କି ଭାଗ୍ୟ କହିବ ତାହାର ॥
ଯିଏ ଯିଏ ବସ୍ତ୍ର ଜଳପାନେ । ଶୋଇ କେବଳ ଭୂଶୟନେ ॥
କଲେ ସବତ୍ସା ଧେନୁଦାନ । ବାଞ୍ଛଣ ଉତ୍ତମ ବ୍ରାହ୍ମଣ ॥
ଶୁଭ୍ର ସରଳ ସଦାଚାରୀ । ସୁଜ୍ଞାନୀ ପର ଉପକାରୀ ॥
ସେ ଦାତା ସ୍ୱର୍ଗପୁରେ ଯାଏ । ତହିଁ ଅଶେଷ ପୂଜା ପାଏ ॥
ହଳ ବହିବା ସମରଥ । ବଳଦ ଯେ କରଇ ଦତ୍ତ ॥
ଯେ ଫଳ ଦଶ ଧେନୁ ଦାନେ । ତାହାର ଫଳସେ ପ୍ରମାଣେ ॥
ଦୁର୍ଭିକ୍ଷେ ଅନାବୃଷ୍ଟି କାଳେ । ଗୋରୁଙ୍କୁ ଝୁଆଇ ଯେ ପାଳେ ॥
ସେ ଅଶ୍ୱମେଧ ଫଳ ଲଭେ । ଏ ଲୋକେ ରହେ ଗଉରବେ ॥
ବାଞ୍ଛେ ଯା ମରଣ ସମୟେ । ସେ ଲୋକେ ତାହା ସବୁ ପାଏ ॥
ବିବିଧ ଲୋକେ ଭୋଗ ନାନା । ଯାହା ତା ହୃଦୟ କାମନା ॥
ମିଳେ ତା ସବୁ ଅନାୟାସେ । ଦେବତା ଲୋକରେ ବିଳାସେ ॥
ଗୋ-ଦାନ ଫଳ ଏହିପରି । କହିବ କେତେ ବା ଆହୁରି ॥

## ଗୁରୁ ଉବାଚ

ଇନ୍ଦ୍ର ବ୍ରହ୍ମାଙ୍କ ଏ ସମ୍ବାଦ । ଶୁଣିଲେ ନ ପଡ଼େ ପ୍ରମାଦ ॥
ହେ ଶିଷ୍ୟ ଲୋକରେ ପ୍ରଚାର । କର ଏ ଶୁଭ ସମାଚାର ॥
ହୋଇଲେ ଗୋ-ଜାତି ଉନ୍ନତି । ମେଣ୍ଟିବ ଲୋକଙ୍କ ଦୁର୍ଗତି ॥
ତୁମ୍ଭର ଏଣେ ହେବ ଯଶ । ଭଣେ ଅଧମ ଗୋପ ଦାସ ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ମହାଭାରତାନ୍ତର୍ଗତେ ଆନୁଶାସନିକେ ପର୍ବଣି ଇନ୍ଦ୍ର ବ୍ରହ୍ମା ସଂବାଦେ ଗୋଲୋକ ବର୍ଣ୍ଣନେ ନାମ ଏକାଦଶୋଽଧ୍ୟାୟଃ

# ଦ୍ୱାଦଶ ଅଧ୍ୟାୟ

## ଶ୍ରୀକୃଷ୍ଣ ଉବାଚ

ବ୍ରହ୍ମା ବଚନେ ତୁଷ୍ଟ ଅତି । ହୋଇଲେ ଦେବ ଶଚୀପତି ॥
ପୁଚ୍ଛନ୍ତି କରିଣ ଆଗ୍ରହ । କହ ହେ ଲୋକ ପିତାମହ ॥
ଯେ ଜାଣି ଚୋରି କରେ ଗାଈ । କିବା ବିକଇ ଧନ ପାଇ ॥
ବଧଇ ଘାତୁକେ ନିର୍ଦ୍ଦୟେ । କି ଅବା ନିଜେ ମାଂସ ଖାଏ ॥
ଏସବୁ ପାଆନ୍ତି କି ଗତି । କହ ସଦୟେ ବେଦପତି ॥

## ବ୍ରହ୍ମା ଉବାଚ

ଭକ୍ଷାର୍ଥେ କିବା ବିକି ପାଇଁ । ଯେ ଚୋରି କରେ ଗୋରୁ ଗାଈ ॥
ଚୋରିଏ ଦାନ ଦେବା ଆଶେ । କିବା ନିଜସ୍ୱ ଲାଗି ହିଂସେ ॥
ଅଥବା ନିଜେ ଖାଏ ମାଂସ । ଶୁଣ ଏ ସଭିଙ୍କର ଦୋଷ ॥
ଯେ ଗୋରୁ କାଟି ବିକେ ମାଂସ । କି ଅବା ନିଜେ କରେ ଗ୍ରାସ ॥
ଘାତକେ ଯେ ଦିଏ ସହାୟ । ଏ ସର୍ବେ ଭୋଗନ୍ତି ନିରୟ ॥
ଗୋରୁ ଦେହରେ ରୋମ ଯେତେ । ତେତିକି ବର୍ଷ ଖରାଯନ୍ତ୍ରେ ॥
ଦୁସ୍ତର ନରକେ ମଜ୍ଜନ୍ତି । ଅସହ୍ୟ ଯାତନା ଭୋଗନ୍ତି ॥
ବ୍ରାହ୍ମଣ ଯଜ୍ଞେ କଲେ ଘାତ । ହୁଏ ଯେ ଦୋଷ ପଶୁପତ ॥
ଗୋ ଅପହାର ବା ବିକ୍ରୟେ । ସେ ଦୋଷ ପଡ଼ଇ ନିଶ୍ଚୟେ ॥
ଘାତକେ ଯେ କରେ ବିକ୍ରୟ । ତାହାର ବଂଶ ଯାଏ କ୍ଷୟ ॥
ନିଜେ ଭୁଞ୍ଜଇ ନର୍କେ କ୍ଲେଶ । ଲୋକଙ୍କ ନିକଟେ ଅପଯଶ ॥
ଯେ ଖାଏ ଚୋରି ଗାଈ ଦୁଧ । ହୁଏ ତା ହସ୍ତସ୍ତ ଅଶୁଦ୍ଧ ॥
ସେ କଲେ ଗୋ-ମାଂସ ଭକ୍ଷଣ । କି ଅବା ସଦ୍ୟ ସୁରାପାନ ॥
ଯେ ଗୋରୁ ମାରନ୍ତି ନିର୍ଦ୍ଦୟ ନୃଶଂସ । ଖାଇବ ଚୋରାଇ ତାର ମାଂସ ॥
କିବା କହିବି ତାର ଦୋଷ । କି ପୁରେ ନାହିଁ ତାର ବାସ ॥
ନିଜେ ମରଇ ବଂଶ ମାରେ । ପଡ଼େ ନରକ ମହାଘୋରେ ॥
ଅନ୍ୟର ଗୋରୁ ଅପହରି । ଯେ ବିପ୍ରେ ଦିଏ ଦାନ କରି ॥

ସେ ଦାନେ ଫଳ ବିପରୀତ । ଦାତାର ଅଶେଷ ଦୁରିତ ॥
ସୁକୃତ ଯେତେ ଶ୍ରଦ୍ଧାଦାନେ । ଏଥି ଦୁଷ୍କୃତ ସେ ପ୍ରମାଣେ ॥
ଦାତାର ନୀଚ ଅପରାଧେ । ଗ୍ରହୀତା ପଡ଼ଇ ବିପଦେ ॥
ଗ୍ରହୀତା ବିପଦ କାରଣ । ଦାତାର ଦୋଷ ଦୁଇ ଗୁଣ ॥
ହେ ଯୁଧିଷ୍ଠିର ଧର୍ମସୁତ । କହିଲି ମୁଁ ଯେ ଏ ବୃତ୍ତାନ୍ତ ॥
ବ୍ରହ୍ମା ପ୍ରଥମେ ଇନ୍ଦ୍ର ଆଗେ । କହିଲେ ଏହା ଅନୁରାଗେ ॥
ଇନ୍ଦ୍ର କହିଲେ ଦଶରଥେ । ସେ ପୁଣି ନିଜ ଜ୍ୟେଷ୍ଠ ସୁତେ ॥
ଶ୍ରୀରାମ କହିଲେ ଲକ୍ଷ୍ମଣେ । ଲକ୍ଷ୍ମଣ ତହୁଁ ମୁନିଗଣେ ॥
ଶୁଣିଲେ ରାମ ବନବାସେ । ଏ ରୂପେ ଜଗତେ ପ୍ରକାଶେ ॥
ଧାର୍ମିକ ରାଜା ଋଷିଗଣ । ପାଳନ୍ତି ସଦା ଏ ବିଧାନ ॥
ଆର୍ଯ୍ୟ ମୁଖୁଁ ଏ ଚରିତ । ଶୁଣିଛୁ ଜାଣ ପାଣ୍ଡୁସୁତ ॥
ବିରିଞ୍ଚି ବାସବ ସମ୍ବାଦ । ଶୁଣିଲେ ତୁଟଇ ପ୍ରମାଦ ॥
ପଢ଼ି ଶୁଣାଏ ଯେହୁ ଆନେ । ଗୋ-ଦାନେ ଶ୍ରାଦ୍ଧେ ଯଜ୍ଞସ୍ଥାନେ ॥
ସେ ପାଏ ଦେବଲୋକେ ଗତି । କହି ଅଛନ୍ତି ବେଦପତି ॥
ଗୁରୁ କହନ୍ତି ଶିଷ୍ୟେ ରହିଁ । ଶୁଣାଅ ଏହା ଲୋକେ ଯାଇ ॥
କେହି ନ ହରୁ ଅନ୍ୟ ଗାଇ । ନ ବିକୁ କେହି ଧନ ପାଇ ॥
ନ ମାରୁ କେହି ଦେଇ ବିଷ । ନ ଖାଉ କେହି ଗୋରୁମାଂସ ॥
ଘାତୁକେ ଛାଡ଼ନ୍ତୁ ବେଉସା । ଆସିବ ଦେଶେ ଭଲ ଦଶା ॥
ଗୋ-ହିତେ ଜଗତ କଲ୍ୟାଣ । ଗୋ-ଜାତି ମାନବର ପ୍ରାଣ ॥
ବୁଝ ହେ ଏହା ସର୍ବଜନ । କରଇ ଗୋପ ନିବେଦନ ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ମହାଭାରତାନ୍ତର୍ଗତେ ଆନୁଶାସନିକେ
ସଙ୍କଳିତ ଗୋଲୁଣ୍ଠନ ଗୋ-ମାଂସ ଭକ୍ଷଣାଦି ପାପଫଳ
କଥନେ ନାମ ଦ୍ୱାଦଶୋଽଧ୍ୟାୟଃ ।

# ତ୍ରୟୋଦଶ ଅଧ୍ୟାୟ

## ଗୁରୁ ଉବାଚ

ଗୋ-ଦାନ ବିଧାନ ବିସ୍ତାର । କହିଲେ ଭୀଷ୍ମ ବ୍ରହ୍ମବୀର ॥
କି ଭଳି ଧେନୁ ଦେବ ଦାନ । ଥିବ ତାର କି ଚିହ୍ନମାନ ॥
ଦାନ ପୂର୍ବରୁ କି କି ବିଧି । ପାଳିଲେ ହୁଏ ସର୍ବ ସିଦ୍ଧି ॥
ଦାନେ ଦକ୍ଷିଣା ପରିମାଣ । ଦାନର ପାତ୍ର କାଳ ସ୍ଥାନ ॥
ଏ ସର୍ବ ବିଷୟ ବିଶେଷେ । ଶୁଣିଲେ ପାର୍ଥ ମନତୋଷେ ॥
ସ୍ମୃତିଶାସ୍ତ୍ରରେ ଏ ବିଧାନ । କରିବ ତୁମ୍ଭେ ଅନ୍ବେଷଣ ॥
ସେସର୍ବ ବିଧି କିମ୍ବା ଫଳ । କହିବାକୁ ମୋ ନାହିଁ ବେଳ ॥
କହିବା ପ୍ରୟୋଜନ କସ । ଯହିଁ ଗୋରୁଙ୍କୁ ଦେଇ ବିଷ ॥
ମାରନ୍ତି ଧନ ଆଶେ ଲୋକେ । ଯହିଁ ଗୋ-ମାଂସ ଖାନ୍ତି ଥୋକେ ॥
କଂସାଇ ତହିଁ ପାଇ ଧନ । ଯହିଁ ଗୋବିକ୍ରି କରେ ଜନ ॥
ଯହିଁ ଗୋଚରେ ହୁଏ ଚାଷ । ଗୋରୁଙ୍କୁ ନ ମିଳଇ ଘାସ ॥
ଗୋ-ଦାନ ବିଧାନ ବର୍ଣ୍ଣନ । କରିବ ତହିଁ କି କାରଣ ॥
ଆଗେ ଗୋ-ଜାତି ପ୍ରାଣେ ରହୁ । ସ୍ବଚ୍ଛନ୍ଦେ ଘାସ ପାଣି ପାଉ ॥

## ଶିଷ୍ୟ ଉବାଚ

ଗୋ-ଜାତି ମାହାତ୍ମ୍ୟ ଶ୍ରବଣେ । ତୃପତି ନ ଆସେ ମୋ ମନେ ॥
ଗୋ-ଦାନ ବିଧାନ ପ୍ରସଙ୍ଗ । ଉପବାସାଦି ପୂର୍ବ ରଙ୍ଗ ॥
ନାହିଁ ମୋହର ପ୍ରୟୋଜନ । କିନ୍ତୁ କହ ହେ ତପୋଧନ ॥
ପୁରାଣ ପ୍ରଥିତ ପୁରୁଷ । ରହିଛି ଯାହାଙ୍କର ଯଶ ॥
କିଏ ସେ ଗୋପ୍ରଦାନ ଫଳେ । କୀର୍ତ୍ତି ରଖିଲେ ମହୀତଳେ ॥

## ଗୁରୁ ଉବାଚ

ହେ ବ୍ରହ୍ମବୀର ତୁମ୍ଭେ ଧନ୍ୟ । କଲ ଏ ପ୍ରଶ୍ନ ବିଚକ୍ଷଣ ॥
ଅନେକ ରାଜା ଚକ୍ରବର୍ତ୍ତୀ । ଗୋ-ଦାନେ ରଖିଛନ୍ତି କୀର୍ତ୍ତି ॥
ଯୁଧିଷ୍ଠିରଙ୍କୁ ବହୁ ନାମ । କହିଲେ ଭୀଷ୍ମ ସତ୍ୟକାମ ॥

ଶ୍ରୀରାମ ଦଶରଥ ସୁତ । ମାନ୍ଧାତା ନୈଷଧ ଭରତ ॥
ସୋମକ ଉଶୀନର ନୃଗ । ଯଉବନାଶ୍ୱ ମହାଭାଗ ॥
ଦଲୀପ ପୁଣି ଭଗୀରଥ । ଆବର ପୁରୁରବା ଖ୍ୟାତ ॥
ଏ ଆଦି ଯେତେ ମହାରାଜା । ପାଳିଲେ ସୁଖେ ଜନପ୍ରଜା ॥
ସକଳେ ଥିଲେ ଗୋ-ରକ୍ଷକ । ସୁଦକ୍ଷ ଯଶସ୍ୱୀ ଧାର୍ମିକ ॥
କଲେ ବହୁତ ଧେନୁଦାନ । ପାଇଲେ ଅକ୍ଷୟ ସମ୍ମାନ ॥
ସେ ସର୍ବ ରାଜାଙ୍କ ଶାସନେ । ସୁଖରେ ଥିଲେ ପ୍ରଜାଗଣେ ॥
ଗୋଧନେ ପୂରିଥିଲା ଦେଶ । ପାଉ ନ ଥିଲେ ଲୋକେ କ୍ଲେଶ ॥
ଗୋଚର ଥିଲା ସୁବିସ୍ତର । ନ ଥିଲା ବହୁ କର-ଭାର ॥
ରାଜାଙ୍କ ସୁଶାସନ ଯୋଗେ । ପ୍ରଜାଏ ଥିଲେ ମହାଭୋଗେ ॥
କରି ସତତ ଗୋ-ପାଳନ । ଲଭିଲେ ସୁଖ ମାନ ଧନ ॥
ପ୍ରଜା ପୁଣ୍ୟରେ ଲଭି ପୁଣ୍ୟ । ରାଜା ଦ୍ୱିଗୁଣେ ହେଲେ ଧନ୍ୟ ॥
ସେ ସର୍ବେ ଗଲେ ସ୍ୱର୍ଗପୁରେ । ଯଶଃ ରଖିଣ ଏ ସଂସାରେ ॥
ସେ ରାଜାଗଣଙ୍କ ଚରିତ । ପୂର୍ବ ପ୍ରସିଦ୍ଧ ଇତିବୃତ୍ତ ॥
ଭୀଷ୍ମଙ୍କ ମୁଖୁଁ ଯୁଧିଷ୍ଠିର । ଶୁଣିଣ ମନେ କଲେ ସ୍ଥିର ॥
ପାଳିବେ ଗୋ-ରକ୍ଷଣ ବ୍ରତ । ହେବ ଯହିଁରେ ପ୍ରଜାହିତ ॥
ସେ ଯୁଧିଷ୍ଠିର ସତ୍ୟସନ୍ଧ । କଲେ ଗୋ-କଲ୍ୟାଣେ ପ୍ରବନ୍ଧ ॥
ତେଣୁ ତାଙ୍କର ସୁଶାସନେ । ସୁଖେ ରହିଲେ ପ୍ରଜାଗଣେ ॥
ଯଜ୍ଞେ ସେ ବହୁ ଧେନୁଦାନ । କରି ଲଭିଲେ ମହାପୁଣ୍ୟ ॥
ହେ ଶିଷ୍ୟ ଏ ଶୁଦ୍ଧ ଚରିତ । ଲୋକରେ କର ସୁବିଦିତ ॥
ରାଜା ଧନ୍ଦକ ବୃତୀଶ୍ୱର । ହୁଅନ୍ତୁ ଗୋ-ରକ୍ଷା ତତ୍ପର ॥
ଦେଖିଣ ତାଙ୍କ ଆଚରଣ । ଶିଖିବେ ରାଜ୍ୟ ପ୍ରଜାଗଣ ॥
ଗୋ-ରକ୍ଷା ହେଲେ ଧର୍ମରକ୍ଷା । ଲୋକରେ ପ୍ରଚରୁ ଏ ଶିକ୍ଷା ॥
ସକଳ ରାଜା ଭୂମିପତି । ଗୋପର ଦେନ ଏ ବିନତି ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ମହାଭାରତାନ୍ତର୍ଗତେ ଆନୁଶାସନିକେ
ପର୍ବଣି ଗୋଦାନ୍ତୁ ନୃପତିଗଣଗୁଣବର୍ଣ୍ଣନେ ନାମ ତ୍ରୟୋଦଶୋଽଧ୍ୟାୟଃ ।

# ଚତୁର୍ଦ୍ଦଶ ଅଧ୍ୟାୟ

## ସୂତ ଉବାଚ

ଆବର ଶୁଣ ଇତିହାସ । ଯହିଁ ଗୋ-ମାହାତ୍ମ୍ୟ ପ୍ରକାଶ ॥
ଇକ୍ଷ୍ୱାକୁ ବଂଶରେ ସଂଭୂତ । ସୌଦାସ ଭୁବନ ବିଦିତ ॥
ବଶିଷ୍ଠ କୁଳପୁରୋହିତେ । ପୁଚ୍ଛିଲେ ରାଜା ଶୁଦ୍ଧଚିତ୍ତେ ॥

## ସୌଦାସ ଉବାଚ

ହେ କୁଳଗୁରୁ ମହାମତି । ସଦୟ ହୁଅ ମୋହପ୍ରତି ॥
ଅତି ପବିତ୍ର କି ସଂସାରେ । ଯାହା କୀର୍ତ୍ତନେ ନର ତରେ ॥
ଯାହାର ସେବା ମହାପୁଣ୍ୟ । କହ ହେ ମହର୍ଷି ବରେଣ୍ୟ ॥

## ବଶିଷ୍ଠ ଉବାଚ

ଜଗତେ ଗାଈ ପୁଣ୍ୟତମ । ସକଳ ପୁଣ୍ୟ ସୁଖ ଧାମ ॥
ସକଳ ସୁଗନ୍ଧର ଖଣି । ସେ ଭୂତଭବ୍ୟ ସନାତନୀ ॥
ଗୃହସ୍ଥ ଗୃହେ ଲକ୍ଷ୍ମୀ ଗାଈ । ତାପସ ଆଶ୍ରମେ ସୁରଭି ॥
ଗୋ-ହିତେ ଯାହା ହୁଏ ଦାନ । ନୁହେଁ ତା କେବେ ଅକାରଣ ॥
ଗୋରୁ ନ ରଖେ କାହା ଋଣ । ସୁଝଇ ଦଶ ଶତ ଗୁଣ ॥
ଦେବତା ମୁଖରେ ଆହୁତି । ଖଣ୍ଡଇ ଯେସନ ବିପତ୍ତି ॥
ଗୋ-ମୁଖେ ଆହାର ତେସନ । ସକଳ ଦୁଃଖ ବିନାଶନ ॥
ଗୋ ତହିଁ ସ୍ୱାହା ବଷଟ୍‌କାର । ସେ ସର୍ବ ଯଜ୍ଞର ଆଧାର ॥
ସତ୍‌କର୍ମ ଫଳେ ଗୋପ୍ରାପତି । ଗୋ ତହୁଁ କର୍ମ ଉତପତ୍ତି ॥
ଗୋ ତହୁଁ ଲଭି ସଦା କ୍ଷୀର । ଅମୃତ ଭୁଞ୍ଜେ ଭୂଚର ॥
ପ୍ରାତଃ ସନ୍ଧ୍ୟାରେ ମୁନିଗଣ । ହୋମ କରନ୍ତି ପ୍ରତିଦିନ ॥
ଦୁର୍ଗତି ଦୁଷ୍କୃତ ଅଶେଷ । ଗୋ-ଦାନେ ତରନ୍ତି ମନୁଷ୍ୟ ॥
ସବତ୍ସା କପିଳା ପ୍ରଦାନେ । ତ୍ରାଣ [illegible] ଲୋକ [illegible] ॥
ସୁଦୃଢ ସୁଫଳ ଅକୃଶ । ଶତ ଯୂଥପ ଯୁବା ବୃଷ ॥

ଯେ ଦାନ କରେ ଦେବ ଅର୍ଥେ । ଜବା ସକଳ ଲୋକହିତେ ॥
ଜନ୍ମ ଜନମେ ସେହୁ ଆର୍ଯ୍ୟ । ଲଭଇ ଅତୁଳ ଐଶ୍ୱର୍ଯ୍ୟ ॥
ଗୋ-ମାତାଙ୍କ ଯେ ଦଣ୍ଡବତ । କରଣ ହୁଏ ନିଦ୍ରାଗତ ॥
ନିଦ୍ରା ଅନ୍ତରେ ଉଠି ପୁଣ । ସ୍ମରେ ଗୋ-ମାତା ପୁଣ୍ୟଗୁଣ ॥
ସନ୍ଧ୍ୟା ପ୍ରଭାତେ ନମେ ନିତ । ସେ ଲଭେ ଧନ ପୁଣ୍ୟ କୀର୍ତ୍ତି ॥
ଗୋ-ମୂତ୍ର ଗୋମୟ ବିଶୁଦ୍ଧ । ତା ଦେଖି ନ ହୋଇବ କ୍ରୁଦ୍ଧ ॥
ଖାଇବ ନାହିଁ ଗୋରୁମାଂସ । ଯହିଁରେ ସର୍ବ ଧର୍ମ ନାଶ ॥
ଗାବେ ନ କର ଅପମାନ । କରିବ ତାର ଗୁଣଗାନ ॥
ଦୁସ୍ୱପ୍ନ ଅନ୍ତେ ନିଦ୍ରାଭଙ୍ଗେ । ଗୋ-ନାମ ବୋଲ ସଙ୍ଗେ ସଙ୍ଗେ ॥
ମେଣ୍ଟିବ ସେ ସ୍ୱପନ ଦୋଷ । ମନରେ ଜନ୍ମିବ ସନ୍ତୋଷ ॥
ଗୋମୟ ଲେପିଣ ଶରୀରେ । ଯେ ସ୍ନାନ କରେ ଶୁଦ୍ଧ ନୀରେ ॥
ପିଏ ଅଳପ ଗୋରୁମୂତ । ତା ଦେହ ମନ ହୁଏ ପୂତ ॥
ଯେ ନିତ ଖାଇବ ଗୋ-କ୍ଷୀର । ତେଜେ ଉଜ୍ଜ୍ୱଳେ ତା ଶରୀର ॥
ହୁଅଇ ବୁଦ୍ଧି ବିଚକ୍ଷଣ । ନ ଭୋଗେ ସେ ଦୁଃଖ କଷଣ ॥
ହୋମରେ ଦେଲେ ଘୃତାହୁତି । ମିଳଇ ଅକ୍ଷୟ ବିଭୂତି ॥
ଗୋ-ଘୃତେ କରିବ ସାଧନ । ଦେବତା ପୂଜା ସ୍ୱସ୍ତ୍ୟୟନ ॥
ଅପରେ ଖୁଆଇବ ଘୃତ । ତେଣେ ହୋଇବ କୃତକୃତ୍ୟ ॥
ଖାଇବ ନିଜେ ନିତ ଘୃତ । ମଣିବ ସେ ଯେସନ୍ତେ ଅମୃତ ॥
କରିବ ଗୋ-ଜାତିର ପୁଷ୍ଟି । ଗୋ-ଜାତି ଚଳାଏ ଏ ସୃଷ୍ଟି ॥
ଗୋମନ୍ତ୍ର ମନ୍ତ୍ରେ ସ୍ଥିର ମନେ । ଆମନ୍ତ୍ରି ଧେନୁକୁ ଯତନେ ॥
ରତନ ମଣ୍ଡିଣ ତା ଗାତ୍ରେ । ଦିଏ ଯେ ଉପଯୁକ୍ତ ପାତ୍ରେ ॥
ଯାଏ ତା ସର୍ବ ପାପ ନାଶ । କେବେହେଁ ନ ପାଏ ସେ ତ୍ରାସ ॥
ପ୍ରତ୍ୟହ ପ୍ରାତଃ ସନ୍ଧ୍ୟାକାଳେ । ପଢ଼ିବ ଗୋସ୍ତବ ନିତଳେ ॥
କହିବ ଯୋଡ଼ି ଦେବନ ହାତ । "ହେ ପୁଣ୍ୟ ଧେନୁ ହେ ଗୋମାତ ॥
ହେ ସର୍ବଶୁଭଙ୍କି ଦୁଗ୍ଧବତ । ତୁମ୍ଭେ କେବଳ ମୋର ଗତି ॥
ସୁରଭିସୁତା ଶୁଭଦାତା । ତୁମ୍ଭ ପାଦେ ମୋ ପ୍ରାଣ ବନ୍ଧା ॥
କରେ ମୁଁ ନିତ ଗୋ-ଅର୍ଚ୍ଚନ । ହୁଅ ମା ମୋ ପ୍ରତି ପ୍ରସନ୍ନ" ॥

ସକଳ ଜନ ପ୍ରାଣଦାତା । ସୁଖଦା ଶୁଭଦା ଗୋ-ମାତା ॥
ଗୋ-ମାତା ମୋର ମୁଁ ତାହାର । ନାହିଁ ଉଭୟେ ପରାପର ॥
ଏକାନ୍ତ ଉଭୟ ଉତ୍ପତ୍ତି । ଉଭୟେ ଉଭୟର ଗତି ॥
ପଢ଼େ ଯେ ନିତ୍ୟ ଏ ଗୋ-ସ୍ତବ । ନ ପାଏ କେବେ ପରାଭବ ॥
ବିପଦେ ପଢ଼େ ଯେ ବିଶ୍ୱାସେ । ନ ପଡ଼େ କଦାପି ସେ ତ୍ରାସେ ॥
ସମ୍ପଦେ ଯେହୁ ଏହା ପଢ଼େ । ଦିନୁଁ ଦିନୁଁ ତା ଭାଗ୍ୟ ବଢ଼େ ॥
ହେ ଶିଷ୍ୟ ଏ ପୁଣ୍ୟ ଗୋ-ସ୍ତବ । ଗୋ-ଜାତି ମାହାତ୍ମ୍ୟ ଗୌରବ ॥
କହିବ ବୁଲି ଦ୍ୱାର ଦ୍ୱାର । କର ଏ ଲୋକ ଉପକାର ॥
ଏ ତତ୍ତ୍ୱ ହେତୁ କର ଜନେ । ପାମର ଗୋପ ଦାସ ଭଣେ ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ମହାଭାରତାନ୍ତର୍ଗତେ ଆନୁଶାସନିକେ
ପର୍ବଣି ସୌଦାସ ବଶିଷ୍ଠ ସମ୍ବାଦେ ଗୋ-ସ୍ତବ ବର୍ଣ୍ଣନେ
ଗୋ-ମାହାତ୍ମ୍ୟ କଥନେ ନାମ ଚତୁର୍ଦ୍ଦଶୋଽଧ୍ୟାୟଃ ।

---

# ପଞ୍ଚମ ଅଧ୍ୟାୟ

## ବଶିଷ୍ଠ ଉବାଚ

ଶୁଣ ହେ ସଉଦାସ ନୃପ । ଗୋଗଣ କଲେ ଘୋର ତପ ॥
ଦପାଞ୍ଚ ସହସ୍ର ବରଷ । ତପେ ବ୍ରହ୍ମାଙ୍କୁ କଲେ ତୋଷ ॥
ବୋଇଲେ ପ୍ରଭୁ ଦିଅ ବର । ହୋଇବୁ ଆମ୍ଭେ ସର୍ବୋପର ॥
ଦାନ ଦକ୍ଷିଣା ଆଦି କାର୍ଯ୍ୟେ । ଶ୍ରେଷ୍ଠ ମଣିବେ ସର୍ବ ଆର୍ଯ୍ୟେ ॥
ନ ଲାଗୁ ଆମ୍ଭ ଦେହେ ଦୋଷ । ପବିତ୍ର ହେଉ ଆମ୍ଭ ବଂଶ ॥
ଦେହେ ଲାଗାଇ ଆମ୍ଭ ମଳ । ହୁଅନ୍ତୁ ମାନବେ ନିର୍ମଳ ॥
ଦେବ ମାନବେ ଶୁଦ୍ଧ ପୂତ । ମଣନ୍ତୁ ଆମ୍ଭ ମଳମୂତ୍ର ॥
ଚର ଅଚର ସର୍ବ ଭୂତ । ହୁଅନ୍ତୁ ଆମ୍ଭ ଯୋଗେ ପୂତ ॥
ଯେ ଦେବ ଆମ୍ଭ ମୁଖେ ଅନ୍ନ । ପାଉ ସେ ପୁଣ୍ୟଲୋକେ ସ୍ଥାନ ॥

ନକେ ବରଷ ତପଶେଷେ । ବର ପ୍ରଦାନ କଲେ ତୋଷେ ॥
ଯେ ବର ମାଗିଲୁ ଗୋଗଣ । ହେବ ତା ନିଶ୍ଚୟ ପୂରଣ ॥
ହେବ ନିଷ୍ପାପ ନିଷ୍କଲଙ୍କ । ତାରିବ ତୁମ୍ଭେ ସର୍ବଲୋକ ॥
ଲଭିଣ ସିଦ୍ଧି ତପବଳେ । ଗୋ-ଜାତି ସିଦ୍ଧ ଏ ଭୂତଳେ ॥
ଉଠିଲେ ତପୁଁ ଲୋକମାତା । ସକଳ-ଜନ-ପରିତ୍ରାତା ॥
ପ୍ରଭାତେ ନମିଲେ ଗୋ-ପଦ । ମିଳଇ ସକଳ ସମ୍ପଦ ॥
ସକଳ ଲୋକର ଆଶ୍ରୟ । ଗୋ-ଜାତି ଶୁଦ୍ଧ ପୁଣ୍ୟମୟ ॥
ତେଣୁ ସକଳ ଲୋକପର । ଗୋ-ଜାତି ଶ୍ରେଷ୍ଠ ଶୁଭକର ॥
ଗୋ-ଦାନେ ସୁକୃତ ଅଶେଷ । ସଂକ୍ଷେପେ ଶୁଣ ତା ନରେଶ ॥
ସବତ୍ସା କପିଳା ଯେ ଦିଏ । ସେ ବ୍ରହ୍ମଲୋକେ ସ୍ଥାନ ପାଏ ॥
ଦେଲେ ସବତ୍ସା ଶ୍ୱେତ ଗାଈ । ଅବଶ୍ୟ ଇନ୍ଦ୍ରଲୋକ ଲଭି ॥
ଦେଲେ ସବତ୍ସା କଳା ଗାଈ । ଅଗ୍ନିଲୋକରେ ସ୍ଥାନ ପାଇ ॥
ଦେଲେ ସବତ୍ସା ଧୂମ୍ରବର୍ଣ୍ଣୀ । ଯମ-ଲୋକରେ ବସେ ଦାନୀ ॥
ସବତ୍ସା ଫେଣବର୍ଣ୍ଣୀ ଗାଈ । ଦେଲେ ବରୁଣଲୋକ ଯାଇ ॥
ବାୟୁ କୁବେର ବସୁ ଆଦି । ଶାସ୍ତ୍ରରେ ଯେ ଲୋକ ପ୍ରସିଦ୍ଧି ॥
ଗୋ-ଦାତା ସେ ବିଭିନ୍ନ ଲୋକେ । ରହଇ ଆନନ୍ଦ ଅଶୋକେ ॥
ଧେନୁର ଗୁଣ ବର୍ଣ୍ଣଜାତି । ବିଧିରେ ଦାତା ଲଭେ ଗତି ॥
ବୃଷ ବା ବଳଦ ପ୍ରଦାନ । ଗୋ-ଦାନୁ ବଳେ ବା ସମାନ ॥
ଗାଈ ବୃଷଭ ବା ବଳଦ । ସକଳେ ସ୍ୱର୍ଗଫଳପ୍ରଦ ॥
ଭେଦ ଅମ୍ବରେ ମେଘରାଶି । ଦିବ୍ୟ ଉଜ୍ଜ୍ୱଳ ଯାନେ ବସି ॥
ଗୋ-ଦାତା ଯାଏ ସ୍ୱର୍ଗବାସେ । ସୁରନାରୀ ତା ଚଉପାଶେ ॥
କରନ୍ତି ନୃତ୍ୟ ନାନାରଙ୍ଗେ । ରମେ ସେ ସୁଖେ ତାଙ୍କ ସଙ୍ଗେ ॥
ଗୋ-ଦେହେଁ ରୋମରାଜି ଯେତେ । ତେତିକ ବର୍ଷ ପରିଯନ୍ତେ ॥
ସ୍ୱର୍ଗଲୋକରେ ସେ ବିଳାସେ । ପୁଣି ଯେବେ ଏ ମର୍ତ୍ତ୍ୟେ ଆସେ ॥
ଜନମେ ଭାଗ୍ୟବନ୍ତ ଘରେ । ଜୀବନ କାଟଇ ସୁଖରେ ॥
କରେ ସତ୍କର୍ମ ପାଏ ଧନ । ଗୋ-ଦାନ ଫଳ ଏ ସୌଦାସ ॥
ବାଞ୍ଛା କରିବ ଯେ ଗୋ-ଧନ । କହିବ ଶୁଦ୍ଧ କରି ମନ ॥

"ଗୋ-ମାତା ଘୃତ-କ୍ଷୀର-ପ୍ରଦା । ଗୋ-ମାତା ସକଳ ବରଦା ॥
ଘୃତ ଉଦ୍ଭବ ଘୃତ ଯୋନି । ମୋ ଗୃହେ ରହୁ ପୟସ୍ୱିନୀ ॥
ମୋ ନାଭି ହୃଦେ ଦେହେ ମନେ । ବସନ୍ତୁ ଘୃତ ଅନୁକ୍ଷଣେ ॥
ମୋ ଆଗେ ପଛେ ଚଉପାଶେ । ସର୍ବଦା ସଦା ମୋର ବାସେ ॥
ସୁଖେ ରହନ୍ତୁ ଗୋଷ୍ଠଚୟ । ଗୋ-ଗଣେ ହେଉ ମୋ ଆଶ୍ରୟ ॥
ସୁରୂପା ବହୁରୂପା ଧେନୁ । ବଢ଼ନ୍ତୁ ମୋର ଦିନୁଁ ଦିନୁଁ ॥
ଯାହାର ଚର୍ମ ଶୃଙ୍ଗବାଳ । ଆବର କ୍ଷୀର ମୂତ୍ରମଳ ॥
ଲୋକ-ହିତରେ ପ୍ରୟୋଜନ । ତା ତହୁଁ କେ ଆଉ ପ୍ରଧାନ ॥
ଯା ଦାନେ ପୁଣ୍ୟ ଅଗଣିତ । ବ୍ୟାପିଛି ଯେ ସର୍ବ ଜଗତ ॥
ସେ ଭୂତଭବ୍ୟ ମାତପଦେ । ସାଷ୍ଟାଙ୍ଗ ପ୍ରଣାମେ ମୁଁ ବନ୍ଦେ" ॥
ସ୍ଥିର ନିର୍ମଳ ଶୁଚିବନ୍ତ । ଯେ ଏହା ପଢ଼େ ସନ୍ଧ୍ୟା ପ୍ରାତଃ ॥
ବିଶ୍ୱାସେ ନମଇ ଗୋ-ପଦେ । ସେ କେବେ ନ ପଡ଼େ ବିପଦେ ॥
ଖଣ୍ଡେ ତାହାର ପାପମାନ । ଗୋ-ଧନେ ହୁଏ ଭାଗ୍ୟବାନ ॥

ଗୁରୁଉବାଚ

ଏ ବ୍ରହ୍ମା ସୌଦାସ ସଂବାଦ । ଶୁଣିଲେ ନ ଲାଗେ ପ୍ରମାଦ ॥
ଶୁଣାଅ ଲୋକେ ଏ ଚରିତ । ଶୁଦ୍ଧ ସୁନ୍ଦର ସୁପବିତ୍ର ॥
ଗୋ-ଜାତି ପ୍ରତି ହେଲେ ଭକ୍ତି । ବଢ଼ିବ ଧନ ଜନ ଶକ୍ତି ॥
ଦିଅ ହେ ଜନେ ଏଣେ ମତି । ଦୀନ ଗୋପର ଏ ବିନତି ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ମହାଭାରତାନ୍ତର୍ଗତେ ଆନୁଶାସନିକେ ପର୍ବଣି
ବ୍ରହ୍ମାସୌଦାସସଂବାଦେ ଗୋ-ସ୍ତବ ବର୍ଣ୍ଣନେ ଗୋ-ମାହାତ୍ମ୍ୟ
କଥନେ ନାମ ପଞ୍ଚଦଶୋଽଧ୍ୟାୟଃ ।

---

## ଷୋଡ଼ଶ ଅଧ୍ୟାୟ

ଯୁଧିଷ୍ଠିର ଉବାଚ

ହେ କୁଳବୃଦ୍ଧ ପିତାମହ । ବଢ଼ଇ କ୍ରମେ ମୋ ଆଗ୍ରହ ॥
ଶୁଣି ଗୋ-ମାହାତ୍ମ୍ୟ ବିଭୂତି । ନ ହୁଏ ମୋ ମନ ତୃପତି ॥

ଆଉର କହ ଗୋ-ଚରିତ । ସର୍ବ ସୁଖଦ ଶୁଭ ପୂତ ॥
ପବିତ୍ରେ ଯେ ପବିତ୍ରତମ । ସକଳ ଲୋକେ ଯେ ଉତ୍ତମ ॥
ଯେ ଲୋକ ପରମ ପାବନ । କହ ମୋତେ ତା ସଂଶୋଧନ ॥

### ଭୀଷ୍ମ ଉବାଚ

ଗୋ-ଜାତି ସର୍ବାର୍ଥ ସାଧିନୀ । ସୁଖଦା ମାନବ-ପାବନୀ ॥
ସକଳ କଲ୍ୟାଣ କାରଣ । ପାଳନ୍ତି ସଦା ପ୍ରଜାଗଣ ॥
ଦେଇଣ ଘୃତ ଦଧି ଦୁଧ । ସାଧନ୍ତି ସର୍ବଜନ ମୁଦ ॥
ଗୋ ତହୁଁ ବଳି ପୁଣ୍ୟତର । ତ୍ରିପୁରେ ନାହିଁ ଯୁଧିଷ୍ଠିର ॥
ଦେବଙ୍କ ଉପରେ ଗୋ-ଜାତି । କରନ୍ତି ସ୍ୱର୍ଗେ ଅବସ୍ଥିତି ॥
ଗୋ-ଦାନ ଫଳରେ ମାନବ । ଲଭନ୍ତି ଅକ୍ଷୟ ବିଭବ ॥
ତରନ୍ତି ମହାବନ୍ଧ ଘୋର । ଯାଆନ୍ତି ଅନ୍ତେ ସ୍ୱର୍ଗପୁର ॥
ମାନ୍ଧାତା ଯୌବନାଶ୍ୱ ଆଦି । ଗୋଦାନ ଦେଇ ଯଥାବିଧି ॥
ପାଇଲେ ଯେ ପରମ ଗତି । ଦେବଙ୍କୁ ତା ଦୁର୍ଲଭ ଅତି ॥
କହିବି ଏବେ ମୁଁ ଗୋ-ଗୀତା । ଶୁକେ ଯା କହିଥିଲେ ପିତା ॥
ଥରେ ସେ ଶୁକ ମହାମୁନି । ବ୍ୟାସଙ୍କ ଚରଣେ ପ୍ରଣମି ॥
ପୁଚ୍ଛିଲେ ତାଙ୍କୁ ଭକ୍ତିଭରେ । "ହେ ପିତା ଦୟାକର ମୋରେ ॥
କହ ହେ ତପସ୍ୱି ଉତ୍ତମ । କି ଯଜ୍ଞ ଯଜ୍ଞେ ଶ୍ରେଷ୍ଠତମ ॥
କି କଲେ ଜଗତେ ମାନବ । ପାଏ ପରମପଦେ ଠାବ ॥
କେଉଁ ପବିତ୍ର କର୍ମଯୋଗେ । ଦେବେ ରହନ୍ତି ସ୍ୱର୍ଗଭୋଗେ ॥
କି ଅବା ଯଜ୍ଞର ଯଜ୍ଞତ୍ୱ । କହ ମତେ ଏ ସର୍ବତତ୍ତ୍ୱ" ॥
ସର୍ବ ଧର୍ମଜ୍ଞ ବ୍ୟାସମୁନି । ପୁତ୍ର ତହୁଁ ଏ ପ୍ରଶ୍ନ ଶୁଣି ॥
କହିଲେ ତତ୍ତ୍ୱେ ଯେ ବୃତ୍ତାନ୍ତ । ଶୁଣ ନିଷ୍ଠଲେ ପାଣ୍ଡୁସୁତ ॥

### ବ୍ୟାସ ଉବାଚ

ସକଳ ଭୂତରେ ପ୍ରତିଷ୍ଠା । ଗୋ-ଜାତି ଜାଣ ଏହା ନିଷ୍ଠା ॥
ଗୋ-ସର୍ବ ପ୍ରାଣୀ ପରାୟଣ । ପବିତ୍ର ପାବନ ଗୋଧନ ॥
ଏ ପୂର୍ବ ଲୋକଙ୍କ ବଚନ । ଗୋ-ଜାତି ଥିଲେ ଶିଙ୍ଗସ୍ଥାନ ॥

ପୂଜିଲେ ଶିଙ୍ଗପ୍ରାପ୍ତି ଆଶେ । ବ୍ରହ୍ମାଙ୍କୁ ଘୋର ଉପବାସେ ॥
ଦେଖିଣ ଗୋ-ଜାତର କଷ୍ଟ । ଯମ ନିୟମ ବ୍ରତନିଷ୍ଠ ॥
ବ୍ରହ୍ମା ପାଇଲେ ପରିତୋଷ । ପୂରଣ କଲେ ଅଭିଳାଷ ॥
ଯେ ଯାହା ଇଚ୍ଛା ଅନୁସାରେ । ଉଠିଲା ଶିଙ୍ଗ ତାଙ୍କ ଶିରେ ॥
ଗୋ ବ୍ରହ୍ମବରଦତ୍ତ ଶୃଙ୍ଗ । ହବ୍ୟ କବ୍ୟଦା ପୁଣ୍ୟପ୍ରଜ୍ଞ ॥
ଶୁଭଗା ସର୍ବ ସୁଲକ୍ଷଣା । ଅକ୍ଷୟ ଅମୃତ କ୍ଷରଣା ॥
ଗୋ-ଦାନ ସର୍ବଦାନେ ସାର । କରନ୍ତି ଗୋ-ଦାନ ଯେ ନର ॥
ସେ କଲେ ସର୍ବଦାନ ଜାଣ । ଅତି ସୁକୃତି ଭାଗ୍ୟବାନ ॥
ବସନ୍ତି ସେ ପୁଣ୍ୟ ଗୋଲୋକେ । ସ୍ୱର୍ଗର ପବିତ୍ର ଆଲୋକେ ॥
ଫଳନ୍ତି ଯହିଁ ତରୁଦଳ । ମଧୁର ସୁରସାଳ ଫଳ ॥
ନାନା ବିଚିତ୍ର ପୁଷ୍ପପନ୍ତି । ସୁରଭି ଗନ୍ଧ ପ୍ରକାଶନ୍ତି ॥
ଭୂମି ଅପୂର୍ବ ମଣିମୟ । ସୁବର୍ଣ୍ଣ ବାଲୁକାନିଚୟ ॥
ତରୁଣ ଆଦିତ୍ୟ କିରଣ । ହରିକେ ଜଳାଶୟମାନ ॥
ସର୍ବଋତୁରେ ଯାର ଜଳ । ପରଶେ ସୁଖ ସୁନିର୍ମଳ ॥
ରକ୍ତ ଉତ୍ପଳେ ପାଏ ଶୋଭା । ଶୁଭ ବିଚିତ୍ର ମନୋଲୋଭା ॥
ନୀଳ ଉତ୍ପଳ ଶତଦଳ । କନକ କେଶର ମଞ୍ଜୁଳ ॥
ସରସୀ ସଲିଳେ ବିକାଶେ । ଗନ୍ଧ ଚହଟେ ଚଉପାଶେ ॥
ବହେ ନଦୀରେ ସ୍ୱଚ୍ଛ ନୀର । ସୁରୁଚିତ୍ରିତ ଦିଶେ ତୀର ॥
ଫୁଟିଛି କେତେ କନଅର । ମଧୁର ଗୁଞ୍ଜରେ ଭ୍ରମର ॥
ଉତ୍ଫୁଲ୍ଲ ସନ୍ତାନକ ବନ । ବେନି ପୁଲିନେ ଶୋଭାବନ ॥
ଶୋଭେ ସୁବର୍ଣ୍ଣ ଶୈଳଶ୍ରେଣୀ । ଝଟକେ ଯହିଁ ନାନା ମଣି ॥
ନାନା ବିଚିତ୍ର ଲତାଦ୍ରୁମେ । ସୁନ୍ଦର ସୁଗନ୍ଧ କୁସୁମେ ॥
ଶୋଭିତ ଯେ ଶଇଳପନ୍ତି । ପାଦପେ ଫଳରେ ଲୋଟନ୍ତି ॥
ଦିବ୍ୟ ସରସ ମିଷ୍ଟଫଳ । ସ୍ନିଗ୍ଧ ସୁଗନ୍ଧ ପତ୍ରଦଳ ॥
ତହିଁ ସୁପୁଣ୍ୟବନ୍ତ ଜନ । ରମନ୍ତି ସୁଖେ ନିଶି ଦିନ ॥
ସର୍ବକାମନା ସଦା ସିଦ୍ଧି । ନାହିଁ ସନ୍ତାପ ଶୋକ କ୍ରୋଧ ॥
ବିଚିତ୍ର ମନୋଜ୍ଞ ବିମାନେ । ଭ୍ରମନ୍ତି ପୁଣ୍ୟକର୍ମାମାନେ ॥

ଶୁଭ୍ର ସୁନ୍ଦର ସ୍ୱର୍ଗବାଳା । କରନ୍ତି ତାଙ୍କ ସଙ୍ଗେ ଖେଳା ॥
ଏପରି ଲୋକେ ନିତ୍ୟଗତି । ହୁଅଇ ଗୋ-ଦାନେ ପ୍ରାପତି ।
ଯେ କରେ ଗୋ-ସେବା ନିରତ । ତା ପ୍ରତି ଦେବଗଣେ ପ୍ରୀତ ॥
ଦିଅନ୍ତି ସୁଦୁର୍ଲ୍ଲଭ ବର । ସୁଖେ ଖେଳେ ସେ ଇହ ପର ॥
ଗୋ-ଜାତି ପ୍ରତି କେବେ ମନେ । ପାଳିବ ନାହିଁ ଦ୍ରୋହ କ୍ଷଣେ ॥
ଭକ୍ତିରେ କରି ନମସ୍କାର । ଚରଣ ପୂଜିବ ତାଙ୍କର ॥
ନିର୍ମଳ ଶାନ୍ତ ଶୁଦ୍ଧଚିତ୍ତେ । ଗୋ-ସେବା କରଇ ଯେ ନିତ୍ୟେ ॥
ସେ ଲଭେ ଗୋ-ମାତା କଲ୍ୟାଣ । ଅକ୍ଷୟ ତା ସୁକୃତ ଜାଣ ॥
ଆଚମି ସୁନିର୍ମଳ ଜଳେ । ବସି ଗୋଗୋଷ୍ଠ ମଧ୍ୟସ୍ଥଳେ ॥
ଗୋମନ୍ତ୍ର ଯେହୁ କରେ ଜପ । ନ ଲାଗେ ତାକୁ କେବେ ପାପ ॥
ଯେ ଲୋଡେ ସୁତ ପାଏ ସୁତ । ଅଥବା ସମ୍ପଦ ବହୁତ ॥
ଯେ ନାରୀ ବାଞ୍ଛେ ଯେଉଁ ପତି । ତାହାର ହୁଏ ତା ପ୍ରାପତି ॥
ଯା ପ୍ରତି ଗୋ-ମାତା ସନ୍ତୋଷ । କି ତାର ରହେ ଅବଶେଷ ॥
ଦିବେ ପୂଜଣ ଯାର ପଦ । ଭୁଞ୍ଜନ୍ତି ଦେବଙ୍କ ସମ୍ପଦ ॥
ଏ ଯଜ୍ଞମୟ ସୃଷ୍ଟି ମୂଳ । ପବିତ୍ର ପାବନ ଗୋକୁଳ ॥
ତୁଷ୍ଟ ସେ ହେଲେ ଜନ ପ୍ରତି । ନ ଦେବେ କି ଭାଗ୍ୟ ବିଭୂତି ॥
ବ୍ୟାସଙ୍କ ମୁଖୁଁ ଏ ବଚନ । ଶୁଣି ସେ ଶୁକ ତପୋଧନ ॥
କଲେ ଗୋ-ପଦେ ନିତ୍ୟ ପୂଜା । ହେ ଯୁଧିଷ୍ଠିର ମହାରାଜା ॥
ଗୋ-ପୂଜା ତୁମ୍ଭେ କର ସଦା । ଗୋ-ମାତା ହୋଇଲେ ବରଦା ॥
ପାଇବ ତୁମ୍ଭେ ସର୍ବ ସିଦ୍ଧି । ଗୋ-ରକ୍ଷା କାର୍ଯ୍ୟେ ରଖ ବୁଦ୍ଧି ॥

## ଗୁରୁ ଉବାଚ

ଶୁକଙ୍କୁ ମହାମୁନି ବ୍ୟାସ । ଦେଲେ ଯେ ସାଧୁ ଉପଦେଶ ॥
ଯୁଧିଷ୍ଠିରେ ଯା ପିତାମହ । କହିଲେ କରି ଅନୁଗ୍ରହ ॥
ସେ ଦିବ୍ୟ ମହା ଉପଦେଶ । କହିବ ଲୋକରେ ବିଶେଷ ॥
ନିଜେ ତା କରିବ ପାଳନ । ପୂଜିବ ନିତି ଗୋ-ଚରଣ ॥
ଗୋ-ମାତା କରିବେ କରୁଣା । ନ ହେବ ଧନ ଧାନ୍ୟ ଊଣା ॥

ପୁତ୍ର କଳତ୍ର ଯଶ ପୁଣ୍ୟ । ଲଭଣ ଲୋକେ ହେବ ଧନ୍ୟ ॥
ଶୁଣ ହେ ଜନେ ଏ ଚରିତ । ଖଣ୍ଡିବ ଅଶେଷ ଦୁରିତ ॥
ବ୍ୟାସଙ୍କ ଉପଦେଶମାନ । କର ସତତ ଗୋ-ପାଳନ ॥
ଗୋ-ମାତା ହେଲେ ସୁପ୍ରସନ୍ନ । ସୁଖେ ପାଇବ ବସ୍ତ୍ର ଅନ୍ନ ॥
ଅଧମ ଗୋପ ଘୋଷ୍ଟ କର । ଜଣାଏ ଏହା ବାରମ୍ବାର ॥

ଇତି ଶ୍ରୀ ଗୋ-ମହାତ୍ମ୍ୟେ ମହାଭାରତାନ୍ତର୍ଗତେ ଆନୁଶାସନକେ
ପର୍ବଣି ବ୍ୟାସ-ଶୁକ ସମ୍ବାଦେ ଗୋମତିମହିମ ହାତ୍ମ୍ୟ କଥନେ
ନାମ ଷୋଡ଼ଶୋଽଧ୍ୟାୟଃ ।

---

## ସପ୍ତଦଶ ଅଧ୍ୟାୟ

### ଶୁକ ଉବାଚ

ପୁନଶ୍ଚ ରାଜା ଯୁଧିଷ୍ଠିର । କହନ୍ତି ନୁଆଇଁଣ ଶିର ॥

### ଯୁଧିଷ୍ଠିର ଉବାଚ

ହେ ପିତାମହ ମହୋଦୟ । ମନେ ମୋ ଲାଗଇ ସଂଶୟ ॥
ଗୋମୟେ ଲକ୍ଷ୍ମୀଙ୍କ ନିବାସ । ଶୁଣି ମୋ ନ ହୁଏ ବିଶ୍ୱାସ ॥
ପ୍ରାଣୀର ପୁରୀଷେ କପର । ରହିଲେ ଆସି ଦେବୀ ଶିରୀ ॥
ତୁମ୍ଭେ ସକଳ ଜ୍ଞାନାଧାର । ସନ୍ଦେହ ଛେଡ଼ ହେ ମୋହର ॥

### ଭୀଷ୍ମ ଉବାଚ

ଶୁଣ ହେ ଗୋ-ଲକ୍ଷ୍ମୀ ସଂମ୍ବାଦ ପ୍ରସିଦ୍ଧ ଏ ଲୋକପ୍ରବାଦ ॥
ସୁନ୍ଦର ଦିବ୍ୟରୂପ ଧରି । ଗୋଗଣେ ପ୍ରବେଶିଲେ ଶିରୀ ॥
ଦେଖି ସେ ରୂପ ମନୋହର । ଗୋରୁ ମଣନ୍ତି ଚମତ୍କାର ॥

### ଗାବଃ ଉଚୁଃ

କିଏ ସେ ତୁମ୍ଭେ କାହୁଁ ଆସି । ଆମ୍ଭ ଭିତରେ ଅଛ ପଶି ॥
ତୁମ୍ଭ ଏ ରୂପ ଅନୁପମ । କହ ହେ ଦେବି ତୁମ୍ଭ ନାମ ॥

କାହିଁ ଏ ରୂପ ପଟାନ୍ତର । ଦେବ ମାନବେ ଅଗୋଚର ॥
ଦେଖିଣ ଲାଗଇ ବିସ୍ମୟ । ଫେଡ଼ ଆମ୍ଭର ଏ ସଂଶୟ ॥
କପାଁ ଆସିଛ କାହିଁ ଯାଅ । କିଏ ସେ ତୁମ୍ଭେ ସତ କହ ॥

ଶ୍ରୀ ଉବାଚ

ଶ୍ରୀ ବୋଲି ଜଗତେ ମୁଁ ଖ୍ୟାତ । ମୋ ଯୋଗେ ଲୋକେ ଭାଗ୍ୟବନ୍ତ ॥
ଧନ ସମ୍ପଦ ଶୋଭା ଯଶ । ମୋ ଯୋଗେ ପାଆନ୍ତି ମନୁଷ୍ୟ ॥
ମୋର ବର୍ଜନେ ଦୈତ୍ୟକୁଳ । ନଷ୍ଟ ହୁଅନ୍ତି ଚିରକାଳ ॥
ଦେବତାଗଣ ମୋ ପ୍ରସାଦେ । ରହନ୍ତି ସର୍ବଦା ପ୍ରମୋଦେ ॥
ବିଷ୍ଣୁ ବାସବ ଵିବସ୍ୱାନ । ମୋ ଯୋଗେ ସର୍ବେ ଭାଗ୍ୟବାନ ॥
ନ ହୁଏ ମୁଁ ଯାହାର ବଶ । ହୁଏ ତାହାର ସର୍ବନାଶ ॥
ମୋ ଯୋଗେ ଧର୍ମ ଅର୍ଥ କାମ । ମୁଁ ସର୍ବଲୋକ ସୁଖଧାମ ॥
ଏସନ ଜାଣ ମୋ ପ୍ରଭାବ । ମନରେ ଅନ୍ୟଥା ନ ଭାବ ॥
କରିବି ତୁମ୍ଭ ଦେହେ ବାସ । ଏଣେ ମୋ ବଳିଛି ମାନସ ॥
ତେଣୁ ଏଠାକୁ ଆଗମନ । ଦିଅ ହେ ମତେ ଏବେ ସ୍ଥାନ ॥
ଗୋ-ଗଣ ହୁଅ ଶ୍ରୀସଂପନ୍ନ । ତୁମ୍ଭଙ୍କୁ ମୁଁ ଅତି ପ୍ରସନ୍ନ ॥

ଗାବଃ ଊଚୁଃ

ପ୍ରକୃତି ତୁମ୍ଭର ଚଞ୍ଚଳ । ତୁମ୍ଭଙ୍କୁ ରଖି ନାହିଁ ଫଳ ॥
ଆଜ ରହିବ କାଲି ଯିବ । ଏଥିରେ କି ଲାଭ ମିଳିବ ॥
ନାହିଁ ଆମ୍ଭର ପ୍ରୟୋଜନ । ଯାଅ ଶ୍ରୀ ଦେଖ ଅନ୍ୟ ସ୍ଥାନ ॥

ଶ୍ରୀ ଉବାଚ

ଘେନ ଗୋ-ଗଣ ମୋ ବଚନ । ନ ଦିଅ ମତେ ଅପମାନ ॥
ନ କର ମତେ ଅନାଦର । ଏ ନୁହେ ଉଚିତ ତୁମ୍ଭର ॥
ଲୋକରେ ମୁଁ ଅତି ଦୁର୍ଲଭ । ମୋ ଯୋଗେ ସକଳ ଗୌରବ ॥
ନିଜେ ଆସିଲି ତୁମ୍ଭ ପାଶ । ମାଗୁଛି ତୁମ୍ଭ ମଧ୍ୟେ ବାସ ॥
ତେଣୁ ଯିବା ଏ ଅନାଦର । ଏମନ୍ତ ସଂସାର ବେଭାର ॥
ଦେବତା ଦାନବ ମାନବ । ଉରଗ ପିଶାଚ ଗନ୍ଧର୍ବ ॥

ଅତି କଠୋର ତପଫଳେ । ଲଭନ୍ତି ମତେ ବହୁ କାଳେ ॥
ତ୍ରୈଲୋକ୍ୟ ପ୍ରସ୍ତାବ ମୋହର । ମତେ ନ କର ଅନାଦର ॥
ତୁମ୍ଭ ଶରୀରେ ଦିଅ ସ୍ଥାନ । ଧେନ ମୋର ଏ ନିବେଦନ ॥

## ଗାବଃ ଊଚୁଃ

ଜାଣୁ ହେ ପ୍ରସ୍ତାବ ତୁମ୍ଭର । ନ କରୁଁ ଥଳେ ହତାଦର ॥
ନ କରୁଁ ନିନ୍ଦା ପରିଭବ । କି ଅବା ଆପଣା ଗରବ ॥
ଚଞ୍ଚଳ ତୁମ୍ଭର ପ୍ରକୃତି । କ୍ଷଣେ ସଂସ୍ଥିତି କ୍ଷଣେ ଗତି ॥
ତେଣୁ ନ ଲୋଡୁଁ ତୁମ୍ଭ ବାସ । ନ ଘେନ ଏଥି ଆମ୍ଭ ଦୋଷ ॥
ଅଧିକେ ନାହିଁ ପ୍ରୟୋଜନ । ଦେଖ ଗୋ ଦେବି ଅନ୍ୟ ସ୍ଥାନ ॥
ଆମ୍ଭର ଅଛି ବଳ ବପୁ । ନିଜ ନିଜର ପୂର୍ବ ତପୁଁ ॥
ନ ଲୋଡୁ ତେଣୁ ତୁମ୍ଭ ସଙ୍ଗ । ଅଟଇ ଯାହା କ୍ଷଣଭଙ୍ଗ ॥

## ଶ୍ରୀ ଉବାଚ

ହେ ସର୍ବ ସୁରଭି ତନୟା । କର ମୋ ପ୍ରତି ତୁମ୍ଭେ ଦୟା ॥
କରିବ ଯେବେ ପ୍ରତ୍ୟାଖ୍ୟାନ । ହେବ ମୋ ଘୋର ଅପମାନ ॥
ତୁମ୍ଭେ ସକଳ ଭାଗ୍ୟବତୀ । ଜଗତ ହିତେ ଉତପତ୍ତି ॥
ତୁମ୍ଭେ ସକଳ ଲୋକଗତି । ଘେନ ମୋହର ଏ ବିନତି ॥
ଭଜେ ମୁଁ ତୁମ୍ଭର ଶରଣ । ନ କର ମୋର ଅପମାନ ॥
ପବିତ୍ର ତୁମ୍ଭ କଳେବର । ଶୁଦ୍ଧ ମଙ୍ଗଳ ମନୋହର ॥
ଶ୍ରେଷ୍ଠାଙ୍ଗେ ନାହିଁ ମୋର ଆଶ । କୁତ୍ସିତ ସ୍ଥାନେ ଦିଅ ବାସ ॥
ତୁମ୍ଭର ଦେହେ ପ୍ରତି ଅଙ୍ଗ । ଲୋମ ଲାଙ୍ଗୁଳ ଖୁରା ଶୃଙ୍ଗ ॥
ସକଳ ବିଶୁଦ୍ଧ ପବିତ୍ର । କିଛି ହିଁ ନୁହଇ କୁତ୍ସିତ ॥
କରିବି କେଉଁ ଅଙ୍ଗେ ବାସ । ବିଚାରି ଦିଅ ହେ ଆଦେଶ ॥
କରୁଣ-ବତ୍ସଳା ଗୋ-ଜାତି । ଶୁଣିଣ ଲକ୍ଷ୍ମୀଙ୍କ ବିନତି ॥
ଆପଣା ମଧ୍ୟରେ ବିଚାରି । କହନ୍ତି ସେ ସର୍ବେ ଯୁଧିଷ୍ଠିର ॥
ବିଚାରେ ସ୍ଥିର କରି କଥା । ଲକ୍ଷ୍ମୀଙ୍କି କହିଲେ ଗୋ-ମାତା ॥
ଶ୍ରୀ ଦେବି ତୁମ୍ଭେ ଯଶସ୍ୱିନୀ । ସକଳ ଭାଗ୍ୟ ବିଧାୟିନୀ ॥

ଆସିଛ ନଳେ ଆମ୍ଭ ପାଶେ । ଭଗିଣୀ ସେନେହ ବିଶ୍ୱାସେ ॥
ଅବଶ୍ୟ ତୁମ୍ଭର ସତ୍କାର । ଉଚିତ ସମାନ ଆଦର ॥
କରିବା ବହୁତ ଆମ୍ଭର । ତେଣୁ କରୁଛୁ ଏହା ସ୍ଥିର ॥
ଆମ୍ଭର ମଳ ମୂତ୍ର ବେନି । ପବିତ୍ର ଅଟେ ଗୋ ଭଗିଣି ॥
ଯେବେ ଏକାନ୍ତ ଅଭିଳାଷ । ତହିଁରେ ତୁମ୍ଭେ କର ବାସ ॥

ଶ୍ରୀ ଉବାଚ

ମୁଁ ଏହା ବଡ଼ ଭାଗ୍ୟ ମଣେ । ତୁମ୍ଭର ଆଦର ସମ୍ମାନେ ॥
ଗୋମୟ ଗୋ-ମୂତ୍ରେ ନିବାସ । କରି ପାଇବି ସଦା ତୋଷ ॥
ଯାହା କହିଲ ହେଉ ତାହା । ମୋ ପ୍ରତି ଅନୁଗ୍ରହ ଏହା ॥
ମୋ ସଙ୍ଗେ କରି ଏହି ସତ୍ୟ । ଲକ୍ଷ୍ମୀ ହୋଇଲେ ଅନ୍ତର୍ହିତ ॥
ଏଣୁ ହେ ରାଜା ପାଣ୍ଡୁସୁତ । ଗୋ-ମୂତ୍ର ଗୋମୟ ପବିତ୍ର ॥

ଗୁରୁ ଉବାଚ

ହେ ଶିଷ୍ୟ ଏ ପୁଣ୍ୟ ଆଖ୍ୟାନ । ଲୋକଙ୍କ ମଧ୍ୟରେ ବଖାଣ ॥
ଗୋମୟେ ଲକ୍ଷ୍ମୀଙ୍କ ନିବାସ । ମନେ ରହିଲେ ଏ ବିଶ୍ୱାସ ॥
ଲକ୍ଷ୍ମୀ ହୋଇବେ ସୁପ୍ରସନ୍ନ । ଦେବେ ସନ୍ତତ ପୂର୍ଣ୍ଣ ଅନ୍ନ ॥
ପୂରିବ ଶସ୍ୟେ କ୍ଷେତ୍ରମାନ । ବଢ଼ିବ ରାଜ୍ୟେ ଧନଧାନ୍ୟ ॥
ଯେ ନାରୀ ଏଣେ ନିତ୍ୟ କରେ । ଘରକୁ ଲିପଇ ଗୋବରେ ॥
ନିତ ନ ହେଲେ ଗୁରୁବାରେ । ଲକ୍ଷ୍ମୀ ସୁପ୍ରସନ୍ନ ତାଠାରେ ॥
ହୁଏ ସେ ପୁତ୍ରକନ୍ୟାବନ୍ତ । ପତି ପ୍ରସନ୍ନ ତାହା ପ୍ରତି ॥,
ତା ଘରେ ନ ପଶଇ ରୋଗ । କରେ ସେ ବହୁ ଭାଗ୍ୟ ଭୋଗ ॥
ଲକ୍ଷ୍ମୀଙ୍କର ଏ ମନ କଥା । କେବେହେଁ ନୁହଇ ଅନ୍ୟଥା ॥
ରଖ ହେ ଜନେ ଏ ବିଶ୍ୱାସ । ଗୀତେ କହଇ ଗୋପ ଦାସ ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ମହାଭାରତାନ୍ତର୍ଗତେ ଆନୁଶାସନିକେ
ପର୍ବଣି ଗୋ-ମଳମୂତ୍ରେ ଲକ୍ଷ୍ମୀନିବାସନିରୂପଣେ ନାମ
ସପ୍ତଦଶୋଽଧ୍ୟାୟଃ ।

## ଅଷ୍ଟାଦଶ ଅଧ୍ୟାୟ

### ଶିଷ୍ୟ ଉବାଚ

ଗୋ-ଜାତି ମାହାତ୍ମ୍ୟ ବିସ୍ତର । ଶୁଣିଲି ପୂଜ୍ୟ ମୁନିବର ॥
ଶୁଣି ପବିତ୍ର ଇତିବୃତ୍ତ । ହୋଇଲି ଗୁରେ କୃତକୃତ୍ୟ ॥
ଦେବଙ୍କ ତହୁଁ ଗୋ ପ୍ରଧାନ । ଦିଅନ୍ତି ସର୍ବ ଲୋକେ ଅନ୍ନ ॥
ଗୋ-ଜାତି ତେବେ କପାଁ ପଶୁ । କେଉଁ ପୁଣ୍ୟ ବା ପାପବଶୁଁ ॥
ମୋ ମନେ ଆସେ ଏ ସନ୍ଦେହ । ଯଥାର୍ଥ ତତ୍ତ୍ୱ କସ କହ ॥

### ଗୁରୁ ଉବାଚ

ଗୋଲୋକ ମାହାତ୍ମ୍ୟ ବଖାଣି । ବାସବ ବ୍ରହ୍ମାଙ୍କ କାହାଣୀ ॥
ପୂର୍ବେ ଯା କହିଛୁ ସୁମର । ସେହି ପ୍ରସଙ୍ଗେ ବେଦବର ॥
ଇନ୍ଦ୍ରଙ୍କୁ କହିଲେ ଯା ଆଉ । ଶୁଣି ସନ୍ଦେହ ମନୁଁ ଯାଉ ॥
ଭୀଷ୍ମ ଏ ତତ୍ତ୍ୱ କଥାନ୍ତରେ । କହି ଅଛନ୍ତି ଯୁଧିଷ୍ଠିରେ ॥
ବ୍ରହ୍ମା ବାସବ କଥାମୃତ । ଏକାନ୍ତ ଚିତ୍ତେ ଶୁଣ ସୁତ ॥

### ବ୍ରହ୍ମା ଉବାଚ

ଗୋଗଣ ମହିମା ଅପାର । ତାହା ନ ଜାଣେ ସୁନାସୀର ॥
ଗୋଲୋକ ଦେବ ଲୋକ ପରେ । କହିଛୁ ଏହା ପୂର୍ବେ ଥରେ ॥
ଗୋ-ଜାତି ପରମ ପ୍ରଭାବ । ଏକାନ୍ତେ ଶୁଣ ହେ ବାସବ ॥
ଗୋରୁ ବୋଲନ୍ତି ଯଜ୍ଞ ଅଙ୍ଗ । କହିଛୁ ପୂର୍ବେ ଏ ପ୍ରସଙ୍ଗ ॥
ଗୋରୁ ଦିଅନ୍ତି ଦୁଧ ଘୃତ । ତହିଁ ପ୍ରଜାଏ ଉପକୃତ ॥
ଗୋସୁତେ ଚଷନ୍ତି ମୃତ୍ତିକା । ଚଳାନ୍ତି ପ୍ରଜାଙ୍କ ଜୀବିକା ॥
ଜନମେ ଧାନ୍ୟ ବୀଜ ଆଦି । ତହିଁରେ ଚଳେ ଯଜ୍ଞବିଧି ॥
ସହି କଠୋର ରୋଗ ଶୋଷ । ବହନ୍ତି କେତେ ଭାର କ୍ଲେଶ ॥
କରନ୍ତି ଜନ ଉପକାର । ଗୋ-ଜାତି ସୁକୃତ ଅପାର ॥
ଯେ ସଦା ପର ହିତ ସାଧେ । ସେ ବଦେ ଦେବଗଣ କାନ୍ଦେ ॥
ଆପଣେ ବହୁ ଦୁଃଖ ସହି । ମରେ ଯେ ନିତି ପର ପାଇଁ ॥
ନାହିଁ ତା ସୁକୃତର ସୀମା । ଦେବେ ଅଜ୍ଞାତ ତା ମହିମା ॥

ତେଣୁ ଗୋଲକ ଶ୍ରେଷ୍ଠ ଅତି । ଦେବଙ୍କୁ ପ୍ରଧାନ ଗୋ-ଜାତି ॥
ଗୋରୁର ପ୍ରତି ଲୋମକୂପେ । ଦେବେ ବସନ୍ତି ନାନାରୂପେ ॥
ବହୁ ତପସ୍ୟା ଫଳେ ଗାଭୀ । ଅଛନ୍ତି ଏ ପ୍ରଭାବ ଲଭି ॥
ବିଷ୍ଣୁ ବାସବ ଆଦି ଦେବେ । ଜନ୍ମିଲେ ଅଦିତି ଗର୍ଭେ ॥
ପୁତ୍ରାର୍ଥେ କରି ଘୋର ତପ । ଲଭିଲେ ଏ ଭାଗ୍ୟ ଅମାପ ॥
ସୁରଭି ଦକ୍ଷଙ୍କ ନନ୍ଦନା । ଦେଖିଣ ଅଦିତି ସାଧନା ॥
ତପ ସାଧିବା କଲେ ସ୍ଥିର । ଗଲେ ସେ କୈଳାଶ ଶିଖର ॥
ସେଠାରେ ବସି ଯୋଗାସନେ । ତପ ସାଧିଲେ ଏକଧ୍ୟାନେ ॥
ଦଶ ସହସ୍ର ବର୍ଷକାଳ । ତେଜି ଧର୍ମ୍ମ ସ୍ତ୍ରୀ ଅନ୍ନ ଜଳ ॥
ସୁରଭି କଠୋର ତପସ୍ୟା । ଦେବଙ୍କୁ ହୋଇଲା ସମସ୍ୟା ॥
ଗୋ-ସଙ୍ଗେ ଦେବ ଋଷିଗଣ । କଲେ ସେ କୈଳାଶେ ଗମନ ॥
ତପସ୍ୟା ଦେଖି ହେଲେ ଛନ୍ନ । ବନ୍ଦିଲେ ସୁରଭି ଚରଣ ॥
ମୁଁ ପଚାରିଲି ସୁରଭିଙ୍କି । ତପସ୍ୟା କରୁଛ କାହିଁକି ॥
ତୁମ୍ଭ ଏ ଦୁଷ୍କର ତପସ୍ୟା । ଦେଖି କରନ୍ତି ଦେବେ ହିଂସା ॥
ତୁମ୍ଭ ତପେ ମୁଁ ଅତି ପ୍ରୀତ । ମାଗ କି ବର ଅଭିପ୍ରେତ ॥
ଯେ ବର ତୁମ୍ଭ ଇଚ୍ଛା ଦେବ । କହ ମୁଁ ତାହା ସଦ୍ୟ ଦେବି ॥

## ସୁରଭି ଉବାଚ

ହେ ସର୍ବଲୋକ ପିତାମହ । କରୁଛ ମତେ ଅନୁଗ୍ରହ ॥
ମୋ ପ୍ରତି ଯେବେ ତୁମ୍ଭେ ପ୍ରୀତ । ମୁଁ ହେଲି ଆଜ କୃତକୃତ୍ୟ ॥
ଲଭିଛି ଯେଣୁ ତୁମ୍ଭ ପ୍ରୀତ । ନାହିଁ ମୋ ଆନ ବରେ ମତ ॥

## ବ୍ରହ୍ମା ଉବାଚ

ସୁରଭି କଲ ଯେ ତପସ୍ୟା । ନ ରଖି ବର ଲଭେ ଆଶା ॥
ତେଣେ ମୁଁ ହୋଇ ସୁପ୍ରସନ୍ନ । କରୁଛି ଏହି ବର ଦାନ ॥
ହେଉ ତୁମ୍ଭର ଅମରତ୍ୱ । ଲୋକରେ ପ୍ରକାଶୁ ମହତ୍ତ୍ୱ ॥
ତ୍ରିଲୋକ ପରେ ତୁମ୍ଭ ସ୍ଥାନ । ଘେନ ଗୋ ଏ ଶ୍ରେଷ୍ଠ ସମ୍ମାନ ॥
ଗୋଲୋକ ହେଉ ଲୋକେ ଖ୍ୟାତ । ତୁମ୍ଭେ ବୋଲାଅ ଲୋକମାତ ॥

ତୁମ୍ଭର ସନ୍ତାନସନ୍ତତି । ମର୍ତ୍ତ୍ୟେ ଲଭିବେ ଉତପତ୍ତି ॥
ସାଧିବେ ସଦା ପ୍ରଜାହିତ । ହୋଇବେ ଜଗତ ପୂଜିତ ॥
ସହିଣ କଷ୍ଟ ନିରନ୍ତର । କରିବେ ଲୋକ ଉପକାର ॥
ଧରିବେ ତୁମ୍ଭର ଲକ୍ଷଣ । ଭୋଗରେ ନ କରିବେ ମନ ॥
ଦେବେ ସକଳେ ଦିବ୍ୟ ଭୋଗ । ସାଧିବେ ଏହି କର୍ମଯୋଗ ॥
ମର୍ତ୍ତ୍ୟେ ଏ କର୍ମଯୋଗ ଶେଷେ । ଆସିବେ ପୁଣି ତୁମ୍ଭ ପାଶେ ॥
ରହିବେ ଗୋଲୋକେ ନିଶ୍ଚିନ୍ତ । ଭୁଞ୍ଜିବେ ଅକ୍ଷୟ ଅମୃତ ॥
ସୌଭାଗ୍ୟବତୀ ତୁମ୍ଭେ ଧନ୍ୟା । ବ୍ୟାପନ୍ତୁ ତୁମ୍ଭ ପୁଣ୍ୟକନ୍ୟା ॥
ମାନୁଷଲୋକେ ଦେଶେ ଦେଶେ । ବର୍ଷାନ୍ତୁ ଲୋକେ ସୁଧାରସେ ॥
ଯେ ସୁଖ ତୁମ୍ଭ ଅଭିପ୍ରେତ । ତାସବୁ ହେବ ପରିପତ ॥
ଆଲୋକେ ହୋଇ ତୁମ୍ଭ ବାସ । ଯହିଁ ନ ପଶେ ମୃତ୍ୟୁ ତ୍ରାସ ॥
ଏପରି ଗୋଲକ ଉତ୍ପତ୍ତି । ଶୁଣ ଏ ତତ୍ତ୍ୱ ଶଚୀପତି ॥
ଗୋଲକେ ନାହିଁ ଜରା ଶୋକ । ସେ ତେଜେ ମଳିନ ପାବକ ॥
ଦିବ୍ୟ କାନନ ଦିବ୍ୟ ଗିରି । ଦିବ୍ୟ ଭଜନ ଦିବ୍ୟ ଶିରି ॥
ଦିବ୍ୟ ବିମାନ ଇଚ୍ଛା ଗତି । ଅଚିନ୍ତ୍ୟ ସେ ଲୋକ ବିଭୂତି ॥
ନାହିଁ ସେ ପୁରେ ଦିବାନିଶି । ଗତି ନ କରେ ରବି ଶଶୀ ॥
ଦିବ୍ୟ ଆଲୋକ ଦିବ୍ୟ କାନ୍ତି । ସୁରଭି ହିଲ୍ଲୋଳ ପ୍ରଶାନ୍ତି ॥
ଦେବତା ମାନବ କଳ୍ପନା । ନ କରି ପାରେ ଯା ରଚନା ॥
ଗୋଲୋକେ ତାହା ସବୁ ଠୁଳ । ସଂଯୋଗ ଐଶ୍ୱର୍ଯ୍ୟ ସଂକୁଳ ॥
ତପସ୍ୟା ବ୍ରହ୍ମଚର୍ଯ୍ୟ ଦାନ । ସତ୍ୟ ତିତିକ୍ଷା ଦମ ଧ୍ୟାନ ॥
ଏ ଆଦି କଠୋର ସାଧନେ । ଗୋଲୋକେ ଯାନ୍ତି ଯୋଗୀଜନେ ॥
ଅସୀମ ଗୋଲୋକେ ବିଭବ । କିବା ମୁଁ ବର୍ଣ୍ଣିବି ବାସବ ॥
ଏ ପୁଣ୍ୟ ଗୋଲୋକ ଚରିତ । ଶୁଣେ ଯେ ସେ ହୁଏ ପବିତ୍ର ॥
ପୂରେ ତା ସକଳ କାମନା । ସତ୍କର୍ମେ ବଢ଼ଇ ସାଧନା ॥
ବଂଶ ପାବନ ସୁତ ଲଭେ । ବିଳାସେ ଅତୁଳ ବୈଭବେ ॥
ନାରୀ ହୁଅନ୍ତି ଭାଗ୍ୟବତୀ । ସୁପୁତ୍ରୀ ପତିଭକ୍ତା ସତୀ ॥
ଗୃହେ ବିରାଜେ ଶାନ୍ତି ସଦା । ଗୋ-ମାତା ହୁଅନ୍ତି ବରଦା ॥

ସର୍ବ ଦୁରିତ ଯାଏ କ୍ଷୟ । କର ହେ ଜନେ ଏଣେ ଲୟ ॥
ବ୍ରହ୍ମା ଯା କହିଲେ ବାସବେ । ଅନ୍ୟଥା ନ ହେବ ତା କେବେ ॥
ଏ ବ୍ରହ୍ମା ବାସବ ସମ୍ବାଦ । ସର୍ବ ବିପଦ-ବିନାଶେ ଶାନ୍ଦ ॥
ପଢ଼ି ଏହାକୁ ଜନ ହେତୁ । ଜାଣ ଗୋ-ଜାତି ଧର୍ମ-ସେତୁ ॥
କର ଗୋରକ୍ଷା ସର୍ବମତେ । ପାମର ଗୋପ କହେ ଗୀତେ ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ମହାଭାରତାନ୍ତର୍ଗତେ ଆନୁଶାସନକେ ପର୍ବଣି
ସୁରଭି ତପସ୍ୟା ବର୍ଣ୍ଣନେ ନାମ ଅଷ୍ଟାଦଶୋଽଧ୍ୟାୟଃ ।

---

## ଊନବିଂଶ ଅଧ୍ୟାୟ

### ଗୁରୁ ଉବାଚ

ହେ ବତ୍ସ ପ୍ରଶ୍ନର ଉତ୍ତର । ହେଲା ତ ତୁମ୍ଭର ଗୋଚର ॥
ସୁନାସୀରେ ଯା ଆଦିପିତା । କହିଲେ ଗୋ ଉତ୍ପତ୍ତି ଗାଥା ॥
ବୁଝିଲଟି କି ତାର ତତ୍ତ୍ୱ । ଗୋ-ଜାତି ଗୌରବ ମହତ୍ତ୍ୱ ॥
ମନରୁ ଗଲା ତ ସଂଶୟ । କହନ୍ତ ଏବେ ମୋ ସମୟ ॥
ଶୀଘ୍ର ମୁଁ ଛାଡ଼ିବି ଏ ଦେହ । ପଚାର ଆଉ କି ସନ୍ଦେହ ॥

### ଶିଷ୍ୟ ଉବାଚ

ଗୋ-ଜାତି ମାହାତ୍ମ୍ୟ ଆଖ୍ୟାନ । ଶୁଣି ମୁଁ ହୋଇଅଛି ଧନ୍ୟ ॥
ଗୋ-ଜାତି ଉପକାର ଜୀଏ । ବୁଝି ପାରିବ ନରଦେହେ ॥
ସନ୍ଦେହ ନ ମେଣ୍ଟିଲା କିନ୍ତୁ । ଗୋ-ଜାତି ପଶୁ କେଉଁ ହେତୁ ॥

### ଗୁରୁ ଉବାଚ

ଗୋ-ଜାତି ପଶୁରୂପ ମାତ୍ର । ଦେବଙ୍କଠୁଁ ଅଧିକ ପବିତ୍ର ॥
ନର ଦେବତା ଆଉ ପଶୁ । ବିଭିନ୍ନ ଗୁଣ କର୍ମ ବଶୁଁ ॥
ରୂପ ଆକାରେ ଯେ ବିଶେଷ । ତହିଁରେ ଲଭି ଯଶ କିସ ॥
ମାନବ ଜନ୍ମେ ଅହଙ୍କାର । ମଣେ ନିଜକୁ ସର୍ବୋପର ॥

ଗୋ ତନୁଁ ବଡ ସେ କପର । କହ ବସୁଧ ବ୍ରହ୍ମସୁତ ॥
ଯେ ନର ଅଙ୍ଗ ସୁଘଟନା । ଅପର ସଙ୍ଗେ ତା ତୁଳନା ॥
କନ୍ଧ ବୃଷଭକନ୍ଧ ସମ । ମୃଗ ନୟନ ମନୋରମ ॥
କଟି କେଶରୀ ସଙ୍ଗେ ତୁଲ । ସ୍ୱନରେ ନ ଜିଣେ କୋକିଳ ॥
ନାସା ତୁଳନା ଶୁକ ସଙ୍ଗେ । ବିଶେଷ କି ମାନବ ଅଙ୍ଗେ ॥
ଭୋଜନ ଶୟନ ମୈଥୁନ । ଏ ଆଦି କ୍ରିୟା ସାଧାରଣ ॥
ପଶୁ ପରାଏ କରେ ନର । ଏଥିକି ବିଶେଷ ତାହାର ॥
ଧର୍ମ ହିଁ ମାନବ ବିଶେଷ । ଧର୍ମେ ତରେ ସେ ଭବକ୍ଲେଶ ॥
ହୁଏ ସେ ଧର୍ମପୋତେ ପାର । ଏ ଘୋର ଦୁସ୍ତର ସଂସାର ॥
ଅଛି ନରର ବୁଦ୍ଧି ବଳ । ଅପୂର୍ବ କଳ୍ପନା କୌଶଳ ॥
ତେଣୁ ସେ ବସି ଧର୍ମନାବେ । ଆପଣା ବୁଦ୍ଧିର ପ୍ରଭାବେ ॥
ଜିଣି ପାରଇ ତିନି ଲୋକ । ଏହା ହିଁ ମାନବର ଟେକ ॥
ମାତ୍ର ଏ ସଂସାରେ ମାନବ । କରଇ କେବଳ ଗରବ ॥
ନିଜକୁ ମାତ୍ର ବଡ ମଣେ । ଭାବେ ତା ପରି ନାହିଁ ଜଣେ ॥
ସ୍ୱାର୍ଥେ ଜଡ଼ିତ ରହେ ନିତ । ତେଣେ ହୁଅଇ ଆତ୍ମଘାତୀ ॥
ଅପର ସୌଭାଗ୍ୟେ କାତର । ହିଂସଇ ପରେ ନିରନ୍ତର ॥
କିପାଇଁ ମନେ ଭାବ ତେବେ । ମାନବ ଅଧିକ ଗୌରବେ ॥
ଯେ ନର ଜୀବନେ ବିଶେଷ । ନ ଦିଏ ଯେହୁ ପରେ କ୍ଲେଶ ॥
ପର ନିମନ୍ତେ କ୍ଲେଶ ସହେ । ପରର ଭାର ନିଜେ ବହେ ॥
ନ କରେ ନିଜ ପର ଭେଦ । ନ ଧରେ ହୃଦେ ହିଂସାବାଦ ॥
ସଂସାର ହିତେ ଜନ୍ମ ତାର । କରେ ଯେ ସଦା ଏ ବିଚାର ॥
ସେ ନର ଏକା ବୁଦ୍ଧିମାନ । ସେ ଏକା ମାନବ ସନ୍ତାନ ॥
ସେ ଧର୍ମ-ତରଣୀ କାଣ୍ଡାରି । ତରି ଅନ୍ୟଙ୍କୁ କରେ ପାରି ॥
ସକଳ ଧର୍ମେ ଶ୍ରେଷ୍ଠସାର । କେବଳ ପର ଉପକାର ॥
ଏ ଧର୍ମ ପାଳନ୍ତି ଗୋ-ଜାତି । ଏ ଲାଗି ତାଙ୍କ ଉନ୍ନତି ॥
ନାହିଁ ତାଙ୍କର ଅହଙ୍କାର । ବିଦ୍ୱେଷ କପଟ ଚାତୁର ॥
ସହନ୍ତି ପର ଲାଗି ଦୁଃଖ । କେବେ ହେଁ ନୁହନ୍ତି ବିମୁଖ ॥

ଆହାରେ ଭଲ ମନ୍ଦ ନାହିଁ । ଯେ ସ୍ଥାନେ ଯେମନ୍ତ ମିଳଇ ॥
ଭୋଗନ୍ତି ଖରା ବର୍ଷା ଶୀତ । ସାଧନ୍ତି ସଦା ଲୋକହିତ ॥
ଧରନ୍ତି ପର ଲାଗି ପ୍ରାଣ । କରନ୍ତି ଲୋକେ ଅନ୍ନ ଦାନ ॥
ଅନ୍ନେ ବଢ଼ିଇ ସାରା ସୃଷ୍ଟି । ଅନ୍ନେ ସକଳ ଜୀବ ପୁଷ୍ଟି ॥
ଗୋ-ଜାତି ବହେ ପର ଭାର । ପରେ ବଞ୍ଚାଏ ଦେଇ କ୍ଷୀର ॥
ମରଇ ପର ଉପକାରେ । ଗୋ ସମ କେ ଆଉ ସଂସାରେ ॥
ନ ମଣ ତାକୁ ପଶୁ କରି । ସେ ଲୋକମାତା ବିଶ୍ୱମ୍ଭରୀ ॥
ଗୋ-ଧର୍ମ ସର୍ବ ଧର୍ମ ସାର । ଯେ କରେ ଗୋ-ଧର୍ମ ଆଗ୍ରହ ॥
ସାଧଇ ପର ଉପକାର । କ୍ଳେଶରେ ନ ହୁଏ କାତର ॥
ପାଣି ଫୁଟାଇ ନିଜ ରକ୍ତ । ଅନ୍ୟ ଜୀବନ କରେ ଶକ୍ତ ॥
ପିଆଏ ଅନ୍ୟେ ସୁଧାରସ । ଲଭି ଆପଣା ଦେହେ ପ୍ରାସ ॥
ଅନ୍ୟ ସକାଶେ ମରେ ଶେଷେ । ସେ ଲେଖା ଯଥାର୍ଥ ମନଷ୍ୟେ ॥
ଗୋ-ଧର୍ମ କରେ ଯେ ପାଳନ । ଗୋଲୋକେ ଯାଏ ସେହି ଜନ ॥
ଯହିଁ ସୁରଭି ସୁତାସୁତ । ଯାନ୍ତି ସାରି ଏ ମର୍ତ୍ତ୍ୟକୃତ୍ୟ ॥
ହେ ଶିଷ୍ୟ ବୁଝିଲ ତ ତତ୍ତ୍ୱ । ଗୋ ତହିଁ ନ ଲାଗେ ପଶୁତ୍ୱ ॥
ଦେଖୁଛ ଯାର ମଳମୂତ୍ର । ଜାହ୍ନବୀ ସମାନ ପବିତ୍ର ॥
ଯାହାର ଲୋମେ ଦେବଗଣ । ବସି ହୁଅନ୍ତି ନିଜେ ଧନ୍ୟ ॥
ଯା ଯୋଗେ ଚଳେ ଲୋକସୃଷ୍ଟି । ଯା ରସେ ଦେବତାଙ୍କ ତୁଷ୍ଟି ॥
ଜୀବନ ମରଣେ ଯେ ନିତ । ସାଧେ ସର୍ବଥା ଲୋକପ୍ରୀତ ॥
ପ୍ରଜାପତିଙ୍କ ଜ୍ୟେଷ୍ଠା କନ୍ୟା । ଶୁଭ୍ର ସୁସ୍ନିଗ୍ଧା ଲୋକମାନ୍ୟା ॥
ସଂସାରେ ନିଜ କର୍ମ ସାରି । ଯିବ ଯେ ନିତ୍ୟଧାମେ ଫେରି ॥
ସାମାନ୍ୟ ପଶୁ ବୋଲି ତାରେ । ଯେ ଜନ ମନରେ ବିଚାରେ ॥
ସେ ନିଜେ ପଶୁ ନର ରୂପେ । ଭ୍ରମେ ସଂସାର ଅନ୍ଧକୂପେ ॥
ପଶୁ ରୂପରେ ଜନ୍ମ ପାଇ । ଗୋକୁଳ ଅନ୍ତରେ ପଠାଇ ॥
ଗୋ-ଜାତି କରି ନିଜ କର୍ମ । ଲୋକଙ୍କୁ ଶିଖାନ୍ତି ଗୋ-ଧର୍ମ ॥
ଆଖି ଫିଟାଇ ବୁଝ ଜନେ । ବୁଡ଼ି ନ ମର ଅଭିମାନେ ॥
ଏଣେ ମି[illegible] ସର୍ବ [illegible] । ତୁଟିବ ଭବବନ୍ଧ କ୍ଷୋଭ ॥

ସାର୍ଥକ ହେବ ଏ ଜୀବନ । କହଇ ଗୋପ ଅକିଞ୍ଚନ ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ଗୁରୁଶିଷ୍ୟୋପାଖ୍ୟାନେ ଗୋ-ଧର୍ମ କଥନେ ନାମ ଊନବିଂଶୋଽଧ୍ୟାୟଃ ।

---

## ବିଂଶ ଅଧ୍ୟାୟ

### ଶିଷ୍ୟ ଉବାଚ

ହେ ଗୁରୁ ବୁଝିଲି ଗୋ-ତତ୍ତ୍ୱ । ହେଲି ମୁଁ ଏବେ ଶୁଦ୍ଧସତ୍ତ୍ୱ ॥
ପଶୁର କେବଳ ଆକାର । ଗୁଣକର୍ମେ ଗୋ ସର୍ବୋପର ॥
ମନୁ ମୋ ଘୁଞ୍ଚିଅଛି ଭ୍ରମ । ବୁଝିଣ ଯଥାର୍ଥ ଗୋ-ଧର୍ମ ॥
ଯେମନ୍ତ ତବ ଆଜ୍ଞା ଶିରେ । କହିବି ଏ ଧର୍ମ ଲୋକରେ ॥
ଆଉ ଯେ ତତ୍ତ୍ୱ ତପୋଧନ । ଜାଣିଛ ମୋର ପ୍ରୟୋଜନ ॥
ସଦୟେ ମୋତେ କହ ତାତ । ଜଗତେ କରିବି ବିଖ୍ୟାତ ॥

### ଗୁରୁ ଉବାଚ

ଗୋଲୋକ ତତ୍ତ୍ୱ ଅଲୌକ ଆଉ । କହିବି ଦିନ ଆଉଁ ଆଉଁ ॥
ତାପରେ ତୁମ୍ଭେ ଯିବ ଘର । ଛାଡ଼ିବି ମୁଁ ଏ କଳେବର ॥
ତ୍ରିଲୋକ ଉପରେ ଗୋଲୋକ । ଯହିଁ ନ ପଶେ ଦୁଃଖ ଶୋକ ॥
ସେ ଲୋକ ଐଶ୍ୱର୍ଯ୍ୟ ଅତୁଳ । କହିଛୁ ପୂର୍ବେ ସେ ସକଳ ॥
ଗୋ-ଲୋକନାଥ ସନାତନ । ଅନନ୍ତ ଶ୍ରୀ ପୁରୁଷୋତ୍ତମ ॥
ଶ୍ରୀ ବାସୁଦେବ ବ୍ରହ୍ମ ହରି । ଅନନ୍ତ ଗୋଲୋକବିହାରୀ ॥
ଗୋଲୋକ ତାଙ୍କ ନିତ୍ୟ ଧାମ । ତେଣୁ ଏ ସର୍ବ ପୁରୋତ୍ତମ ॥
ଯହିଁ ବିଜୟେ ପୀତବାସ । ଲଗିଛି ଯହିଁ ନିତ୍ୟ ରାସ ॥
ଉଚ୍ଛୁଳେ ଯହିଁ ନିତ୍ୟ ପ୍ରେମ । ସେ ଶ୍ରେଷ୍ଠ ବଇକୁଣ୍ଠ ଧାମ ॥
[illegible] ବର୍ଣ୍ଣିବ ବିସ୍ତାରି । ଲକ୍ଷ୍ମୀ ଯେ ହୁଅ ପରିଚାରୀ ॥

ତହିଁ ପ୍ରବେଶ ଅଧିକାର । ନିଷ୍କାମ ପ୍ରେମେ ଯାଏ ନର ॥
ଆଚରି ତପସ୍ୟା କଠୋର । ସୁରଭି ନ ବାଞ୍ଛିଲା ବର ॥
ହୋଇଲା ନିଷ୍କାମ ଭକତ । ତା ଲାଗି ଗୋଲୋକ ଉତ୍ପତ୍ତି ॥
କହିଲେ ଯହିଁ ବନମାଳୀ । ପରମ ନିତ୍ୟ ରାସସ୍ଥଳୀ ॥
ସୁରଭି ସୁଧାରସ ସ୍ରୋତ । ବହଇ ଯହିଁ ଓତପ୍ରୋତ ॥
ଯାଆନ୍ତି ତହିଁ ପୂର୍ଣ୍ଣକାମ । ବସନ୍ତି ତହିଁ ଆତ୍ମାରାମ ॥
ମର୍ତ୍ତ୍ୟେ ନିଷ୍କାମ କର୍ମ ସାଧି । ଗୋ-ଜାତି ତହିଁ ପାଆନ୍ତି ସିଦ୍ଧି ॥
ଜଗତେ ନର ନାରାୟଣ । ତାଙ୍କୁ ଯେ ସେବେ ଅନୁକ୍ଷଣ ॥
ନିଷ୍କାମ ଭାବ ଧରି ହୃଦେ । ଅନ୍ତେ ଗୋଲୋକେ ବସେ ମୁଦେ ॥
ଗୋଲୋକ-ନାଥ ବାସୁଦେବ । ମାନବେ ବହି ଦୟାଭାବ ॥
ଗୋ-ଜାତି ଅଛନ୍ତି ପଠାଇ । ସଂସାରେ ଲୋକଶିକ୍ଷା ପାଇଁ ॥
ଗୋ-ଜାତି ଦିଏ ଲୋକଶିକ୍ଷା । ନିଷ୍କାମ ଧର୍ମ ମହାଦୀକ୍ଷା ॥
ଈଶ୍ୱର-ଦୂତ ତାକୁ ଜାଣ । ଯେ ଧରେ ଲୋକହିତେ ପ୍ରାଣ ॥
ନିଷ୍କାମେ ଲୋକସେବା କରେ । ଲୋକଙ୍କ ହିତେ ବଞ୍ଚେ ମରେ ॥
ଗୋଲୋକ ପ୍ରାପ୍ତି ଏହି ପଥେ । ଶିଖାନ୍ତି ଗୋ-ଜାତି ଜଗତେ ॥
ନିଜେ ଗୋଲକ-ନାଥ ହରି । ମାନବ ରୂପେ ଅବତରି ॥
ଦେଖାଇଛନ୍ତି ଗୋ ମହତ୍ତ୍ୱ । ଶିଖାଇ ଅଛନ୍ତି ଗୋ-ତତ୍ତ୍ୱ ॥
ଜନମ ଲଭି କ୍ଷତ୍ରି କୁଳେ । ରହିଲେ ଗୋପଗୋପୀ ମେଳେ ॥
ବନରେ ଚରାଇଲେ ଗାଈ । ଜନେ ମୋହିଲେ ବଂଶୀ ବାଇ ॥
ଗୋରୁଙ୍କୁ କଲେ ନିଜ ପ୍ରାଣ । ତାହାଙ୍କୁ ମଣିଲେ ସମ୍ମାନ ॥
ଗୋ-ସେବା ଲୋକସେବା ବ୍ରତ । ସ୍ୱଦେଶ ସେବା କର ତାତ ॥
ଏ ଉପଦେଶ ଦେଲେ ନନ୍ଦେ । ଗୋପାଳେ ମତାଇ ଆନନ୍ଦେ ॥
ନନ୍ଦ ନ କଲେ ଇନ୍ଦ୍ରପୂଜା । କୋପିଲେ ତେଣୁ ଇନ୍ଦ୍ରରାଜା ॥
ବାସବ କୋପକୁ ନ ଡରି । ନନ୍ଦ ଅର୍ଚ୍ଚନା କଲେ ଗିରି ॥
ସ୍ୱଦେଶ ମାଟି ଶିଳା ତରୁ । ନଦୀ ପର୍ବତ ଜନ ଗୋରୁ ॥
ଏ ଆଦି ଜଙ୍ଗମ ସ୍ଥାବର । ଇନ୍ଦ୍ରହୁଁ ବଳି ଗୁରୁତର ॥
ଏ ତତ୍ତ୍ୱ ବୁଝି ଗୋପବାସୀ । ବାସବ ପୂଜାନ୍ତ୍ରବ୍ୟରଣି ॥

ଭେଟିଲେ କହି ଗିରିପଦେ । "ସଖା ତୁ ସମ୍ପଦ ବିପଦେ ॥
ତୁ ଗୋପପୁର ମୂର୍ତ୍ତିମନ୍ତ । ତୋ ଯୋଗୁ ଆମ୍ଭେ ଭାଗ୍ୟବନ୍ତ ॥
ତୋହର ଚରଣେ ପୂଜା ଆଜ । ପୂଜୁଁ ଦେବାଧିଦେବରାଜ ॥
ତୁ ଆମ୍ଭ ଇନ୍ଦ୍ର ଗୋବର୍ଦ୍ଧନ । ତୋ ଯୋଗେ ଆମ୍ଭେ ପାଉ ଅନ୍ନ ॥
ତୁ ଆମ୍ଭ ସର୍ବ ସୁଖଦାତା । ତୁ ଆମ୍ଭ ପ୍ରତ୍ୟକ୍ଷ ଦେବତା ॥
ହେ ଗିରି ହୁଅ ଅନୁକୂଳ । ବଢ଼ନ୍ତୁ ଆମ୍ଭର ଗୋକୁଳ" ॥
ଏ ରୂପେ ଗିରି ପୂଜା ସାରି । ସେ ଗୋପପୁର ନରନାରୀ ॥
ବ୍ରାହ୍ମଣ ଆଦି ସର୍ବବର୍ଣ୍ଣେ । ତୋଷିଲେ ବିବିଧ ବ୍ୟଞ୍ଜନେ ॥
ସୁରସ ଅନ୍ନ ପାଳ ଘାସ । ଗୋରୁଙ୍କୁ କରାଇଲେ ଗ୍ରାସ ॥
ଏରୂପେ ଗୋଲୋକ-ବିହାରୀ । ଲୋକରେ ଅଛନ୍ତି ପ୍ରଚାରି ॥
ଗୋ-ସେବା ମହାପୁଣ୍ୟବ୍ରତ । ଲୋକସେବାର ଅନ୍ତର୍ଗତ ॥
ନୁହଇ ଯାଗ ବଳି ହୋମ । ଗୋ-ସେବା ଲୋକ-ସେବା ସମ ॥
ଏ ସେବାବଳେ ଗୋପଜନେ । ଇନ୍ଦ୍ରକୁ ନ ଡରିଲେ କ୍ଷଣେ ॥
ଇନ୍ଦ୍ର ବୋଲାଏ ଦେବରାଜ । ପାଇଲା କିନ୍ତୁ ବଡ଼ ଲାଜ ॥
ଶ୍ରୀକୃଷ୍ଣେ ଶରଣ ପଶିଲା । ଗୋବିନ୍ଦ ନାମ ତାଙ୍କୁ ଦେଲା ॥
ଗୋ-ଜାତି ପ୍ରତି ଦାମୋଦର । କଲେ ଯେ ସେନେହ ଆଦର ॥
ତା ଦେଖି ଭକ୍ତି ଗଦଗଦେ । ସୁରଭି ନମିଲା ଶ୍ରୀପଦେ ॥
ବୋଇଲା "ଆଜ ମୋ ସନ୍ତତି । କୃତାର୍ଥ କଲ ହେ ଶ୍ରୀପତି ॥
ତୁମ୍ଭେ ହେ ଗୋକୁଳ-ମହେନ୍ଦ୍ର । ଗୋପରେ ଶ୍ରୀ ଗୋପାଳଚନ୍ଦ୍ର ॥
ଗୋ-ଜାତି ପୁଣ୍ୟ ଯଶରାଶି । ପ୍ରକାଶ କଲେ ବ୍ରହ୍ମରାଶି ॥
ଗୋ-ସେବା ଆଚରି ଆପଣେ । ଶିଖାଇ ଗଲେ ବିଶ୍ୱଜନେ ॥
ଜ୍ୟେଷ୍ଠ ତାଙ୍କର ହଳଧର । ମର୍ତ୍ତ୍ୟେ ଅନନ୍ତ ଅବତାର ॥
ଶ୍ରୀ ବଳଦେବ ନାମେ ଖ୍ୟାତ । ସର୍ବଦା ହଳାୟୁଧହସ୍ତ ॥
ବଳଦଗଣଙ୍କ ଗୌରବ । ଏଥିରୁ କି ଅଧିକ ହେବ ॥
ବଳଦ ନିତି କରେ କୃଷି । ଗାଈ ଦିଅଇ ସୁଧାରସ ॥
ଏଣେ ବଞ୍ଚନ୍ତି ପ୍ରଜାକୁଳ । ଗୋ-ଜାତି ସର୍ବ ସୁଖମୂଳ ॥
ତେଣୁ ଗୋବିନ୍ଦ ହଳଧର । ପୂଜିଲେ ଗୋ-ଜାତି ପ୍ରବର ॥

ଗୋ-ସେବା ସର୍ବ ଧର୍ମସାର । ଏହା ବୁଝିଲେ ସର୍ବ ନର ॥
ହୋଇବ ଏ ସଂସାର ସ୍ୱର୍ଗ । ଲଭିବେ ଲୋକେ ଅପବର୍ଗ ॥
ଶ୍ରୀ ବଳଦେବ ଜଗନ୍ନାଥ । ଦେଖାଇଛନ୍ତି ଏହି ପଥ ॥
ଚାଲ ହେ ଜନେ ଏହି ବାଟେ । ନ ପଡ଼ ବିଷମ ସଂକଟେ ॥
ଏଣେ ହୋଇବ ବିଶ୍ୱହିତ । ଗୋଲୋକନାଥ ହେବେ ପ୍ରୀତ ॥
ଶ୍ରୀ ବଳଦେବ ଜଗନ୍ନାଥ । ପୂର୍ଣ୍ଣ କରିବେ ମନୋରଥ ॥
ଲଭିବ ଧନ ସୁତ ଯଶ । ଅନ୍ତେ ଗୋଲୋକଧାମେ ବାସ ॥
ଗୋରୁଙ୍କୁ ମଣ ନିଜ ପ୍ରାଣ । ମଣିଲେ ଯଥା ନାରାୟଣ ॥
ଗୁରୁ ଯା ଦେଲେ ଉପଦେଶ । ଗୀତେ ଭଣିଲା ଗୋପ ଦାସ ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ଗୁରୁଶିଷ୍ୟସମ୍ବାଦେ ଶ୍ରୀକୃଷ୍ଣସ୍ୟ
ଗୋ-ସେବା ରହସ୍ୟ ପ୍ରକଟନେ ଗୋ-ଗୌରବ
ବ୍ୟାଖ୍ୟାନେ ନାମ ବିଂଶୋଽଧ୍ୟାୟଃ ।

—:0:—

# ଏକବିଂଶ ଅଧ୍ୟାୟ

ଏବେ ଦିବସ ଅବସାନ । ଆରକ୍ତ ପଶ୍ଚିମ ଗଗନ ॥
ଅସ୍ତ ନ ହେଉଁ ଦିବାକର । ଛାଡ଼ିବି ମୁଁ ଏ କଳେବର ॥
କହିଲି ଯେତେ ଉପଦେଶ । ଗୋ-ଧର୍ମ ଗୋଲୋକ ରହସ୍ୟ ॥
ସେ ସର୍ବ ମନେ ହେତୁ କରି । ଲୋକେ ପ୍ରଚାର ବ୍ରହ୍ମଚାରୀ ॥
ଯାଅ ହେ ବାବୁ ଏବେ ଘର । ସୁଖେ ଗୃହସ୍ଥାଶ୍ରମ କର ॥
ଆଚର ଗୋ-ଧର୍ମ ସତତ । କର ଗୋ-ସେବା ନିତ୍ୟବ୍ରତ ॥
ଗୋ-ସେବା ଲୋକରେ ଶିଖାଅ । ଗୋ-ହିତେ ଧନ ମନ ଦିଅ ॥
ସେ ଫଳେ ଭଲ ଯଶମାନ । ଧନ ସମ୍ପଦ ସୁସନ୍ତାନ ॥
ଗୋବିନ୍ଦ ପଦେ ହେଉ ଭକ୍ତି । ପ୍ରକାଶୁ ହୃଦେ ଦିବ୍ୟ ଶକ୍ତି ॥
ଅନ୍ତେ ଗୋଲକେ ପାଅ ସ୍ଥାନ । କରନ୍ତୁ ପ୍ରଭୁ ଏ କଲ୍ୟାଣ ॥

ଛାଡ଼ି ଯାଅ ହେ ମତେ ଏକା । ଏ ଜନ୍ମେ ଏହି ଶେଷ ଦେଖା ॥
ସନ୍ଧ୍ୟା ପ୍ରବେଶ ନୋହୁ ଆଜ । ସରିବ ମୋର ଭବ କାର୍ଯ୍ୟ ॥
ବସିଣ ଧ୍ୟାନେ ଯୋଗବଳେ । ଗୋମତୀ ନଦୀ ଅନ୍ତର୍ଜଳେ ॥
ମିଶାଇ ପଞ୍ଚଭୂତେ କାୟା । କାଟିବି ଚିର ଭବମାୟା ॥
ଯିବି ଭୂରତ୍ତ ଅନ୍ୟ ପୁରେ । ଦିଶଇ ତା ମୋତେ ଅଦୂରେ ॥
ଏ ଯେ ଗୋମତୀ ପୁଣ୍ୟସ୍ରୋତ । ଗୋଲକ ଧାମକୁ ଏ ପଥ ॥
ମର୍ତ୍ତ୍ୟେ ସୁରଭି ସୁଧାଧାର । ଗୋଲୋକ ଧାମକୁ ଦୁଆର ॥
ଗୋ-କ୍ଷୀର ପ୍ରତ୍ୟକ୍ଷ ଏ ଜଳ । ନାଶେ ସକଳ କଳିମଳ ॥
ଏ ନଦୀତୀରେ ପୁଣ୍ୟବନେ । ମୁଁ ଆଜି ଯୋଗଯୁକ୍ତ ମନେ ॥
କହିଲି ତୁମ୍ଭଙ୍କୁ ଯା ଶିଷ୍ୟ । ଗୋ-ତତ୍ତ୍ୱ ଗୋଲକ-ରହସ୍ୟ ॥
ଯେ ଏହା ପଢ଼େ ଶ୍ରଦ୍ଧାଚିତ୍ତେ । କେବେ ସେ ନ ପଡ଼େ ଦୁରିତେ ॥
ଗ୍ରହଣ କାଳେ ଗୋ-ପ୍ରଦାନେ । ଯେ ଅବା ପଢ଼େ ତୀର୍ଥ ସ୍ଥାନେ ॥
ଲଭଇ ବିଶେଷ ସୁକୃତ । ପୂରେ ତାହାର ମନୋରଥ ॥
ବଇତରଣୀ ଦାନ କାଳେ । ମୁମୂର୍ଷୁ ଜନେ ଶୁଣାଇଲେ ॥
ମିଳଇ ତାଙ୍କୁ ଦିବ୍ୟ ଗତି । ଉପୁଜେ ଗୋବିନ୍ଦ ଭକତି ॥
ଗୋଗୋଷ୍ଠେ କି ଅବା ଗୃହାଳେ । ପଢ଼ଇ ଯେ ନିତ୍ୟେ ନିଷ୍ଠାଳେ ॥
ସେ ଲଭେ ବିପୁଳ ଗୋଧନ । ଲକ୍ଷ୍ମୀ ହୁଅନ୍ତି ସୁପ୍ରସନ୍ନ ॥
ଶ୍ରାବଣ ପୂର୍ଣ୍ଣମୀ ତିଥିରେ । ଗୋରୁଙ୍କୁ ପୂଜିବ ବିଧିରେ ॥
ଗାଧୋଇ ତାଙ୍କୁ ଶୁଦ୍ଧ ନୀରେ । ହଳଦୀ ବୋଳିବ ଶରୀରେ ॥
ଶିଙ୍ଗରେ ଲଗାଇବ ତେଲ । ଶିରେ ସିନ୍ଦୂର ଫୁଲମାଳ ॥
ପୂଜିବ ଦେବତା ଧିଆନେ । ଭକ୍ତି ଆଦର ସନମାନେ ॥
ଖୁଆଇ ପିଠା ଘାସ ଅନ୍ନ । କରିବ ତାଙ୍କୁ ସୁପ୍ରସନ୍ନ ॥
କାର୍ତ୍ତିକ ଶୁକ୍ଳାଷ୍ଟମୀ ଦିନ । ଗୋକୁଳେ କରିବ ଅର୍ଚ୍ଚନ ॥
ତୃଣ ତୋରାଣି ମିଷ୍ଟ ଅନ୍ନ । ଗୋଗଣେ କରିବ ପ୍ରଦାନ ॥
ଗ୍ରାମର ଯେତେ ଗୋରୁଗାଈ । ଆଣି ସକଳେ ଏକଠାଇ ॥
କରିବ ବିବିଧ ଉତ୍ସବ । ଏଣେ ସନ୍ତୁଷ୍ଟ ବାସୁଦେବ ॥
ଆବର ଫାଲଗୁନ ମାସେ । ପ୍ରସିଦ୍ଧ ପୂର୍ଣ୍ଣମୀ ଦିବସେ ॥

ଖେଳନ୍ତୁ ଯେବେ ସୁଖେ ଦୋଳି । ଶ୍ରୀମଗୋବିନ୍ଦ ବନମାଳୀ ॥
ଗୋ-ଗଣେ ପୂଜିବ ଆଦରେ । ବିବିଧ ଖାଦ୍ୟ ଉପହାରେ ॥
କରାଇ ସ୍ନାନ ସୁମାର୍ଜନା । ଦେବ ତୋଡାଣି ପାଣି ପଣା ॥
ଏ ତିନ ଶ୍ରେଷ୍ଠ ଗୋ-ଉତ୍ସବ । ଗୃହସ୍ଥ ଅବଶ୍ୟ ପାଳିବ ॥
ଗୋଗୋଷ୍ଠ କିବା ଗୋ ଗୁହାଳେ । ଅଥବା ଗୋରୁ ମହାମେଳେ ॥
ଶ୍ରଦ୍ଧାରେ ଯେହୁ ଏହା ପଢ଼େ । ପଢ଼ି ଗୋଗଣପଦେ ପଡ଼େ ॥
କହଇ ଯୋଡ଼ି ବେନି ହାତ । ହେ ଧେନୁ ତୁମ୍ଭେ ମୋର ମାତ ॥
ହେ ବୃଷ ତୁମ୍ଭେ ମୋର ପିତା । ବଳଦ ଭ୍ରାତା ଅନ୍ନଦାତା ॥
ଘେନ ମୋ ପୂଜା ଆରାଧନ । ହୁଅ ସର୍ବଦା ସୁପ୍ରସନ୍ନ ॥
ସେ ଜନ ପାଏ ମହା ଫଳ । ସଦା ସଂପୂର୍ଣ୍ଣ ଅନ୍ନଜଳ ॥
ତା ଘରେ ନ ପଡ଼େ ଦୁର୍ଗତି । ବଢ଼ଇ ବଂଶ ଧନ ଖ୍ୟାତି ॥
ଅନ୍ତେ ସେ ପାଏ ସଦଗତି । ଲଭଇ ଗୋବିନ୍ଦେ ଭକତି ॥
ଯେ ଗ୍ରାମେ ମିଳି ଲୋକ ସର୍ବ । କରନ୍ତୁ ଏ ତିନ ଉତ୍ସବ ॥
ସକଳ ବର୍ଣ୍ଣ ସର୍ବ ଜାତି । ଏକତ୍ରେ ଉତ୍ସବ ପାଳନ୍ତି ॥
କରନ୍ତି ଗୋ ପ୍ରତି ଆଦର । ବାରନ୍ତି ନାହି ନିଜ ପର ॥
ସେ ଗ୍ରାମେ ନ ପଶଇ କଳି । ସୁଖେ ରହନ୍ତି ସର୍ବେ ମିଳି ॥
ଶିରୀ ସେ ଗ୍ରାମରୁ ନ ତୁଟେ । ଲୋକଙ୍କ ଦେହେ ତେଜ ଫୁଟେ ॥
ନ ଘଟେ ଗ୍ରାମେ ମାରିଭୟ । ନୁହେ ଅକାଳେ ଜନକ୍ଷୟ ॥
ଯେ ଗ୍ରାମେ ମିଳି ସର୍ବ ନର । ରଖନ୍ତି ବହୁତ ଗୋଚର ॥
ସେ ଗ୍ରାମ ଜାଣ ପୁଣ୍ୟସ୍ଥଳୀ । ତହିଁ ନ ଯାଏ କେବେ କଳି ॥
ହୁଅନ୍ତି ସର୍ବଜନେ ସୁଖୀ । ନ ରହେ ପର ମୁଖାପେକ୍ଷୀ ॥
ଯେ ଘରେ ନାହିଁ ଗାଈଗୋରୁ । ସେ ଘର ଭୟଙ୍କର ମରୁ ॥
ସେ ଗୃହ ଅଟେ ଶମଶାନ । ନୁହେ ଲକ୍ଷ୍ମୀଙ୍କ ବାସସ୍ଥାନ ॥
ଗୋ ରଖି ଘରେ ଯେଉଁ ଜନ । ନ ହୁଏ ସଦା ସାବଧାନ ॥
ଗୋରୁଙ୍କୁ କରେ ଅବହେଳା । ବୁଡ଼ିବ ଜାଣ ତାର ଭେଳା ॥
ପଡ଼ଇ ଯେବେ ଗୋ-ନିଃଶ୍ୱାସ । ବଂଶ ସମ୍ପଦ ସର୍ବନାଶ ॥
ବଳଦେ କରଣ ଯେ ଗୃଷ । ନ ଦିଏ ପୂର୍ଣ୍ଣ ଜଳ ଘାସ ॥

ଗୃଷ ଉତ୍ପନ୍ନ ଖାଏ ଆପେ । ସେ ବୁଡ଼ି ମରେ ମହା ପାପେ ॥
ଖାଏ ଯେ ସାକ୍ଷାତ ଗୋ-ମାଂସ । ତା ଇହ ପରକାଳ ନାଶ ॥
ଯେ ଗାଈଠାରୁ ଖାଏ ରସ । ନ ଦେଇ ତାକୁ ପୂର୍ଣ୍ଣ ଘାସ ॥
ବତ୍ସାକୁ ନ କରେ ଯତନ । କରେ ସେ ଗୋ-ଶୋଣିତ ପାନ ॥
ତା ଦେହୁଁ ତୁଟିଯାଏ ଶିଖ । ତା ପୁତ୍ରକନ୍ୟା ଯାନ୍ତି ମରି ॥
ବଳଦ ଲଗାଇଣ ଗୃଷେ । ବିକଇ ଯେ ବୁଢ଼ା ବୟସେ ॥
ବିଶେଷେ ସଦ୍ୟ ଧନ ପାଇଁ । ଘାତୁକେ ବିକେ ଗୋରୁ ଗାଈ ॥
ଜାଣ ସେ ବଞ୍ଚିଥାଉଁ ମରେ । ଜଘନ୍ୟ ପାପୀ ସେ ସଂସାରେ ॥
ତା ସାତ ଉପର ପୁରୁଷ । ସାତ ପୁରୁଷ ଖାକ୍ଷୀ ବଂଶ ॥
ପଡ଼ନ୍ତି ଦୁସ୍ତର ନରକେ । ସଡ଼ନ୍ତି ଘୋର କୁମ୍ଭିପାକେ ॥
ନ ହୁଏ ତା କୁଳ ଉଦୟ । ସକଳ ଶିକ୍ଷା ଯାଏ କ୍ଷୟ ॥
ଯେ ନାରୀ କରନ୍ତି ଗୋ-ସେବା । ସେ କେବେ ନୁହନ୍ତି ବିଧବା ॥
ବିଧବା ଗୋରୁ ସେବା କରି । ଭବଦୁଃଖରୁ ଯାନ୍ତି ତରି ॥
ଗୋ-ଜାତି ସର୍ବ ସୁଖାଳୟ । ଗୋ-ଜାତି ସର୍ବ ଶୁଭମୟ ॥
ଗୋ-ଜାତି ଲୋକ ପିତାମାତା । ଗୋ-ଜାତି ଶକ୍ତି ମୁକ୍ତିଦାତା ॥
ଗୋ-ଜାତି ଦେବଗଣ ପରେ । ଏ ତତ୍ତ୍ୱ ହେତୁ କର ନରେ ॥
ଗୋ-ସେବା କର ଘରେ ଘରେ । ଗୋ-ହିତ ବିଚାର ମନରେ ॥
ଗୋ-ରକ୍ଷା କର ଗ୍ରାମେ ଗ୍ରାମେ । ହାଟେ ନଗରେ ପୁଣ୍ୟଧାମେ ॥
ଯାହାଙ୍କୁ ପ୍ରଭୁ ଭଗବାନ । କରିଅଛନ୍ତି ଭାଗ୍ୟବାନ ॥
ଗୋ-ନାମେ ଛାଡ଼ନ୍ତୁ ସେ ବୃତ୍ତି । ଗୋଚର ପରମ ସୁକୃତ ॥
ଗ୍ରାମରେ ପାଳନ୍ତୁ ବୃଷଭ । ସେ ଯେ ସାକ୍ଷାତେ ମହାଦେବ ॥
ପ୍ରାଣାନ୍ତେ ଗୋଲାଙ୍ଗୁଳ ଧରି । ବଇତରଣୀ ହେବ ପାରି ॥
ସଂସାରେ ଥିବ ଯେତେ କାଳ । ଲଭିବ ଧନ ଜନ ବଳ ॥
ଗୋ-ଧର୍ମ ପାଳ ହେ ମାନବ । ଯେବେ ଗୋଲୋକଧାମେ ଯିବ ॥
ହେ ଶିଷ୍ୟ ମୋ ଏ ଧ୍ରୁବ ବାର୍ତ୍ତା । ଲୋକରେ ପ୍ରଚୁର ସର୍ବଥା ॥
ଗୁରୁଙ୍କ ଉପଦେଶ ଶେଷେ । ଶିଷ୍ୟ ନମିଲେ ପାଦଦେଶେ ॥
ସାଷ୍ଟାଙ୍ଗେ ପଡ଼ିଲେ ପଦ୍ମରେ । ଦେଲେ ଆଶିଷ ସେ ଶିରେ ॥

ଗୁରୁ ଅନୁଜ୍ଞା ଅନୁସାରେ । ଆସିଲେ ଶୀଘ୍ର ନିଜ ଘରେ ॥
ଶିଷ୍ୟଙ୍କୁ ବିଦା ଦେଇ ମୁନି । ବସିଲେ କ୍ଷଣେ ହୋଇ ତୁନି ॥
ପରେ ଗୋମତୀ ଜଳେ ପଶି । ତନୁ ତେଜିଲେ ଯୋଗେ ଋଷି ॥
ଗୋଲୋକଧାମେ ଗଲେ ଚଳି । ଯହିଁ-ଗୋବିନ୍ଦ ନିତ୍ୟ ସ୍ଥଳୀ ॥
ଗଲେ ସେ ମୁନି ଯେଉଁ ପଥେ । ଚନ୍ତୁ ହେ ଜନେ ତାହା ଚଥେ ॥
ଗୋରକ୍ଷା କର ହେ ନିରତ । ଆଚର ଗୋପାଳନ ବ୍ରତ ॥
ଗୁରୁଶିଷ୍ୟଙ୍କ ଏ ସମ୍ବାଦ । ପଢ଼ ଖଣ୍ଡିବ ପରମାଦ ॥
ଗୁରୁ-ଗୋବିନ୍ଦେ ହେବ ଭକ୍ତି । ହୃଦେ ଜନ୍ମିବ ଦିବ୍ୟ ଶକ୍ତି ॥
ସେ ଶିଷ୍ୟ ଗୁରୁ ଆଜ୍ଞା ମାନି । ସଂସାରେ ଗଲେ ଯା ବଖାଣି ॥
ଅଧମ ଗୋପ ତାହା ଗୀତେ । ପ୍ରକାଶ କଲା ଲୋକହିତେ ॥
ଦିଅ ହେ ଜନେ ଏଥି ଧ୍ୟାନ । ମନରେ ନ ବିଚାର ଆନ ॥
ଗୋପ ତୁମ୍ଭର ପାଦେ ଭୃତ୍ୟ । କର ହେ ତାକୁ କୃତକୃତ୍ୟ ॥
ଗୋ-ଲୋକନାଥ ବାଞ୍ଛାନିଧି । କରନ୍ତୁ ସର୍ବ ବାଞ୍ଛାସିଦ୍ଧି ॥

ଇତି ଶ୍ରୀ ଗୋ-ମାହାତ୍ମ୍ୟେ ଗୋଗଣୋତ୍ସବ ବର୍ଣ୍ଣନେ

ଫଳଶ୍ରୁତି ନିର୍ଣ୍ଣୟେ ନାମ

ଏକବିଂଶୋଽଧ୍ୟାୟଃ ।

କଟକ ସତ୍ୟବାଦୀ ପ୍ରେସରେ ଶ୍ରୀ ରାଧାନାଥ ରଥଙ୍କ ଦ୍ୱାରା ମୁଦ୍ରିତ,
୧୯୫୧—୧୦୦୦